# ଝାର୍‌ଦ୍ୟାବ

ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ମୁଖପତ୍ର



RCDC

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଭୁବନେଶ୍ୱର

## ଓ ସଂଖ୍ୟାରେ...


| | ପୃଷ୍ଠା |
|---|---|
| **ବିଶେଷ ପ୍ରସଙ୍ଗ** | |
| ଚାର ମଞ୍ଜି | ୩ |
| କୁସୁମ ମଞ୍ଜି | ୭ |
| ନିମ୍ବମଞ୍ଜି | ୧୦ |
| **ଚାଷବାସ** | |
| ପାତାଳଗରୁଡ଼ | ୧୧ |
| **ଘରୋଇ ଚିକିତ୍ସା** | |
| ରାସ୍ନା | ୧୪ |
| **ତଥ୍ୟ** | |
| ବନଜାତ ଦ୍ରବ୍ୟ ସଂଗ୍ରହ କ୍ୟାଲେଣ୍ଡର | ୧୫ |


## ସମ୍ପାଦକୀୟ...

ଆମ ରାଜ୍ୟରେ ସରକାରୀ ଭାବରେ ୬୯ଟି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଇଥାଏ । ଯେଉଁଥିରେ ୬୧ଟି ଫଳ, ମୂଳ, ଫୁଲ, ପତ୍ର ଜାତୀୟ ହୋଇଥିବା ବେଳେ ବଳକା ୮ଟି ଦ୍ରବ୍ୟ ତେଲ ଜାତୀୟ । ଏହାବାଦ୍ ଆହୁରି ଅନେକ ବନଜାତ ଦ୍ରବ୍ୟ କୁ ମଧ୍ୟ ବନବାସୀ ମାନେ ଖାଦ୍ୟ, ପାନୀୟ, ଔଷଧ ଓ ତେଲ ରୂପେ ବ୍ୟବହାର କରିଥାନ୍ତି । ତେବେ ଘରୋଇ ବ୍ୟବହାରକୁ ଛାଡ଼ି ଦେଲେ ତୈଳବୀଜର ବ୍ୟବସାୟ ପାଇଁ ଆମ ରାଜ୍ୟରେ ସେପରି ପ୍ରଶସ୍ତ କ୍ଷେତ୍ର ନାହିଁ । କେଉଁଠି କେମିତି ପାରମ୍ପରିକ ବୈଦ୍ୟ ଓ କିଛି ଆୟୁର୍ବେଦୀୟ ସଂସ୍ଥା ଏହି ବନଜାତ ତୈଳବୀଜକୁ କିଣୁଥିଲେ ମଧ୍ୟ ତୈଳବୀଜ ସାବୁନ ଭଳି ବୃହତ୍ତ ଧରଣର ଶିଳ୍ପ ଉଦ୍ୟୋଗ ନଥିବାରୁ ପାଖପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଏହାକୁ ପଠାଇବାକୁ ପଡ଼ିଥାଏ । ତେବେ ଏଥିଲାଗି ଲୋଡ଼ା ଉପଯୁକ୍ତ ସଂଗ୍ରହ, ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ ବ୍ୟବସ୍ଥା । ଏହି ତିନୋଟି ବ୍ୟବସ୍ଥା ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସମେତ ତୈଳବୀଜ କ୍ଷେତ୍ରରେ ଅନେକ ମାତ୍ରାରେ ପ୍ରୟୋଗ ହୋଇପାରିନାହିଁ । ଏହାକୁ ଲକ୍ଷକରି ଚ଼ର, କୁସୁମ ଓ ନିମ୍ବ ମଞ୍ଜି ଭଳି ତୈଳବୀଜର ସଂଗ୍ରହ, ପ୍ରକ୍ରିୟାକରଣ ତଥା ମୂଲ୍ୟଯୋଗ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରଦାନ କରିଛୁ । ସେହିପରି ବନଜାତ ଦ୍ରବ୍ୟ ସଂଗ୍ରହ କ୍ୟାଲେଣ୍ଡର ମଧ୍ୟ ପ୍ରସ୍ତୁତ କରିଛୁ । ଯାହାଦ୍ୱାରା ସଂଗ୍ରହ ସମୟକୁ ତଥା ସହନଶୀଳ ଅମଳ ସମ୍ବନ୍ଧରେ ପ୍ରାଥମିକ ସଂଗ୍ରହକାରୀମାନେ ସଚେତନ ହୋଇପାରିବେ ଏବଂ ତାହାକୁ କାର୍ଯ୍ୟରେ ଲଗାଇ ପାରିବେ ବୋଲି ଆଶା ରଖୁଛୁ ।

✧


**ଲିଖନ ଓ ସମ୍ପାଦନା**

RCDC

**ରିଜିଓନାଲ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**



ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ପ୍ରକାଶିତ ଏହି ପତ୍ରିକାର କୌଣସି ଅଂଶ, ଫଟୋ, ତଥ୍ୟକୁ ଆଗ୍ରହୀ ସଂସ୍ଥା, ଗବେଷକ ତଥା ବ୍ୟକ୍ତିବିଶେଷ ବ୍ୟବହାର କରିପାରିବେ । ତେବେ ବ୍ୟବହାର ବା ପ୍ରକାଶ ପୂର୍ବରୁ ଆମକୁ ଲିଖିତ ଭାବେ ଜଣାଇଲେ ଆମେ ଖୁସି ହେବୁ ।


## ପାଠକ ପାଠିକାମାନଙ୍କୁ ପଦେ...

**'ଝାର୍‌ଦରବ୍'**ର ପ୍ରକାଶନ ସମ୍ପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ସମୃଦ୍ଧ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନୀତ କରାଯିବ । ଏତଦ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚ଼ନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚ଼ନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

# ଚାର ମଞ୍ଜି

ଓଡ଼ିଶାର ସାଧାରଣ ଜଙ୍ଗଲମାନଙ୍କରେ ଦେଖାଯାଉଥିବା କେତେକ ପରିଚିତ ତଥା ଗୁରୁତ୍ୱପୂର୍ଣ୍ଣ ତୈଳ ବୀଜ ଜାତୀୟ ଗଛ ମଧ୍ୟରୁ ଚ଼ାର ଗଛ ଅନ୍ୟତମ । ଏହି ଗଛରୁ ମିଳୁଥିବା ମଞ୍ଜିକୁ ଅଣକାଷ୍ଠ ବନଜାତ ଦ୍ରବ୍ୟର ଅନ୍ତର୍ଗତ କରାଯାଇଛି । ଏହାର ମଞ୍ଜିକୁ ଆଦିବାସୀମାନେ ସଂଗ୍ରହ ଓ ପ୍ରକ୍ରିୟାକରଣ କରିବା ସହ ବଜାରରେ ବିକ୍ରିକରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ତେଣୁ ଅନ୍ୟାନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟ ଭଳି ଚ଼ାର ମଞ୍ଜି ମଧ୍ୟ ସେମାନଙ୍କର ଜୀବନଜୀବିକାରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ । ତେବେ ଲୋକଙ୍କର ଜୀବନଜୀବିକାରେ ନିଜର ପ୍ରଭାବ ପକାଉଥିଲେ ମଧ୍ୟ ଏହାର ସଂଗ୍ରହ ତଥା ବ୍ୟବସାୟ ଯେଉଁ ପରିମାଣରେ ହେବା କଥା ସେହି ପରିମାଣର ବ୍ୟପକ ହୋଇପାରିନାହିଁ । ତେବେ ସାମ୍ପ୍ରତିକ ପରିସ୍ଥିତିରେ ତୈଳଜାତ ଦ୍ରବ୍ୟର ବ୍ୟବହାର ବୃଦ୍ଧି ହେଉ ଥିବାରୁ ଏହାର ବ୍ୟବସାୟ ବୃଦ୍ଧି ହେବା ଆଶାକରାଯାଏ ।

### ସଂଗ୍ରହ

ଆମ ରାଜ୍ୟର ଶାଳ ଓ ମହୁଲ ଗଛଥିବା ଜଙ୍ଗଲ ତଥା ମିଶ୍ରିତ ଜଙ୍ଗଲମାନଙ୍କରେ ଚ଼ାର ଗଛ ଦେଖିବାକୁ ମିଳିଥାଏ । ଏହି ଗଛ ପ୍ରାୟତଃ ୫ ରୁ ୧୦ ବର୍ଷ ର ହୋଇଗଲେ ଫଳ ଦେବା ଆରମ୍ଭ କରିଥାଏ । ପ୍ରତ୍ୟେକ ବର୍ଷର ଜାନୁଆରୀ ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଫୁଲ ଧରିବା ଆରମ୍ଭ ହେଉଥିବାବେଳେ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଗଛରେ ଫଳ ପାଚିବା ଆରମ୍ଭ ହୋଇଥାଏ । ଫଳ ପାଚିବା ସମୟରେ ଏହା ଲାଲ୍ ବା ଗାଢ଼ ନାରଙ୍ଗୀ ରଙ୍ଗ ଧାରଣ କରିଥାଏ ।

ସଂଗ୍ରହକାରୀମାନେ ନିଜର ବାଡ଼ି ତଥା ନିଜର ଚ଼ାଷ ଜମି ନିକଟରେ ଥିବା ଗଛଗୁଡ଼ିକରୁ ତଥା ଜଙ୍ଗଲକୁ ଚ଼ାରମଞ୍ଜି ସଂଗ୍ରହ କରିବା ପାଇଁ ଯାଇଥାନ୍ତି । ସଂଗ୍ରହ କାର୍ଯ୍ୟ ଖରାଦିନ ଶେଷ ଆଡ଼କୁ ହେଉଥିବାରୁ ସେମାନେ ଆଖ ପାଖରେ ଥିବା ଚ଼ାର ଗଛର ମୂଳକୁ ସଫା କରିଥାନ୍ତି । ଯାହାଫଳରେ ମଞ୍ଜି ଝଡ଼ିବା ପରେ ଗୋଟାଇବା ସହଜ ହୋଇଥାଏ । ସଂଗ୍ରହକାରୀମାନେ ମଞ୍ଜି ସଂଗ୍ରହକରିବା ପାଇଁ ସାଥିରେ ବାଉଁଶ ଆଙ୍କୁଡ଼ି, ଡ଼ାଲା ବା ଅଖା ସାଙ୍ଗରେ ନେଇଯାଇଥାନ୍ତି । ସଂଗ୍ରହବେଳେ ଆଙ୍କୁଡ଼ାରେ ଗଛର ଡ଼ାଳକୁ ହଲାଇବା ଦ୍ୱାରା ପାଚିଥିବା ମଞ୍ଜି ଗୁଡ଼ିକ ଝଡ଼ି ପଡ଼ିଥାଏ । ଅନେକ ଗଛରେ ଚଢ଼ି ଡ଼ାଳ ହଲାଇ ହଲାଇ ମଞ୍ଜି ସଂଗ୍ରହ କରିଥାନ୍ତି । ତେବେ ଅନେକ ସଂଗ୍ରହକାରୀ ଗଛରେ ଫଳ ପାଚିବାକୁ ଅପେକ୍ଷା ନକରି ଏକା ସାଙ୍ଗରେ ସମସ୍ତ ଫଳକୁ ତୋଳି ଦେଇଥାନ୍ତି । ତନ୍ମଧ୍ୟରୁ କେବଳ ପାକଳ ହୋଇଥିବା ଫଳଗୁଡ଼ିକରୁ ବୀଜ ବା ଶସ ବାହାରୁଥିବାବେଳେ ଅନ୍ୟ ପାଚିନଥିବା ଫଳଗୁଡ଼ିକରୁ ଶସ ବାହାରି ନଥାଏ । ଗୋଟିଏ ବୟସ୍କ ଗଛରୁ ଗୋଟିଏ ବର୍ଷରେ ପ୍ରାୟ ୫୦ କିଲୋଗ୍ରାମରୁ ଅଧିକ ଫଳ ମିଳିଥାଏ ଏବଂ ୫୦ କିଲୋଗ୍ରାମ ଫଳ ଶୁଖିଗଲେ ୨୦ରୁ ୨୫ କିଲୋଗ୍ରାମ ମଞ୍ଜି ମିଳେ ଏବଂ ଶସ ପ୍ରାୟ ୧୫ କିଲୋଗ୍ରାମ ମିଳିଥାଏ ।

**ସାରଣୀ-୧**

**ଓଡ଼ିଶାରେ ଚ଼ାରମଞ୍ଜିର ଉତ୍ପାଦନ କ୍ଷମତା**

| କ୍ରମିକ ସଂଖ୍ୟା | ବନଖଣ୍ଡର ନାମ | ଉତ୍ପାଦନ କ୍ଷମତା (କ୍ୱିଣ୍ଟାଲରେ) |
|---|---|---|
| ୧ | କେନ୍ଦୁଝର | ୨୫ |
| ୨ | ଖରିଆର | ୨୮୪୩୬ |
| ୩ | ବଲାଙ୍ଗିର | ୫୭ |
| ୪ | ବଣେଇ | ୫୦ |
| ୫ | ସମ୍ବଲପୁର | ୫୦୦ |
| ୬ | ସୁନ୍ଦରଗଡ଼ | ୨୩୦ |
| ୭ | ବାରିପଦା | ୨୦ |
| ୮ | କରଞ୍ଜିଆ | ୧୦୦ |
| ୯ | ଆଠମଲ୍ଲିକ | ୧୫ |
| ୧୦ | ବାଲିଗୁଡ଼ା | ୨ |
| ୧୧ | ନନ୍ଦାହାଣ୍ଡି | ୬୦ |
| ୧୨ | ନବରଙ୍ଗପୁର | ୫ |
| ୧୩ | ବାମରା | ୧.୭ |
| | ମୋଟ | ୨୯୫୦୧.୭ |

*ଉସ: ପ୍ରଧାନ ବନ ସଂରକ୍ଷକ, ଓଡ଼ିଶା କାର୍ଯ୍ୟାଳୟ, ଷ୍ଟାଟସ ରିପୋର୍ଟ, ୨୦୦୦*

### ପ୍ରକ୍ରିୟାକରଣ

ସଂଗ୍ରହ କାର୍ଯ୍ୟ ସରିବା ପରେ ଆସେ ପ୍ରକ୍ରିୟାକରଣ । ତେଣୁ ସଂଗ୍ରହ ସରିବା ପରେ ୨ରୁ ୩ ଦିନ ପର୍ଯ୍ୟନ୍ତ ଖରାରେ ଚ଼ାର ମଞ୍ଜିକୁ ଶୁଖାଇବାକୁ ପଡ଼ିଥାଏ ଏବଂ ପରେ ତହିଁରୁ ମଞ୍ଜିକୁ ବାହାର କରାଯାଇଥାଏ । ମଞ୍ଜି ବାହାରକରିବା ଲାଗି ସଂଗ୍ରହକାରୀମାନେ ବାଡ଼ି, ଇଟା ଆଦିର ବ୍ୟବହାର କରିଥାନ୍ତି । ସେମାନେ ବାଡ଼ି ବା ଇଟାରେ ମଞ୍ଜିକୁ ପିଟିବା ପରେ ସେଥିରୁ ଶସ ବାହାରିଥାଏ । ତେବେ ଅନେକ କ୍ଷେତ୍ରରେ ବାଡ଼ି ବା ଇଟାରେ ପିଟିବା ଦ୍ୱାରା ଶସ ଭାଙ୍ଗିଯାଇଥାଏ । ତେଣୁ ଏଥିପ୍ରତି ଲକ୍ଷ୍ୟ ଦେବା ଜରୁରୀ ହୋଇଥାଏ ।

ଉପରୋକ୍ତ ବ୍ୟବସ୍ଥାରେ ଖୋଳପା ଛଡ଼ାଗଲାପରେ ଦାନା ବା ଶସ ଧଳା ରଙ୍ଗର ଦେଖାଯାଏ । ତେବେ ଶିଳରେ ପେଶିବା ଦ୍ୱାରା ଅନେକ ପରିମାଣର ଶସ ନଷ୍ଟ ହୋଇଯାଏ । ତେଣୁ ଯଥା ସମ୍ଭବ ଶସ ନଭାଙ୍ଗିବା ଲାଗି ପ୍ରଚେଷ୍ଟା କରିବା ଆବଶ୍ୟକ । ଉକ୍ତ ଶସ ଉପରେ ଏକ ଆବରଣ ଥାଏ ଯାହାକୁ ଓଦା କରି, ବତୁରାଇ କିମ୍ବା ପାଣିରେ ଘସିକରି ଧୁଆଯାଇଥାଏ । ଏହାଦ୍ୱାରା ଶସ ଉପରେ ଥିବା ପତଳା ଚ଼େପା ଛାଡ଼ିଯାଇଥାଏ । ମଞ୍ଜିରୁ ଶସ

ଛଡ଼ାଇଲାପରେ ତାହାକୁ ୨ ରୁ ୩ ଦିନ ଖରାରେ ଶୁଖାଇବା ଉଚିତ୍ । ଏହାଦ୍ୱାରା ଶସ ଗୁଡ଼ିକ ଭଲଭାବେ ଶୁଖିଯାଏ ଏବଂ ବିକ୍ରିଲାଗି ପ୍ରସ୍ତୁତ ହୋଇଥାଏ ।  ସଂଗ୍ରହ ଓ ପ୍ରକ୍ରିୟାକରଣ ଲାଗି ମୋଟ ୬ ରୁ ୭ ଦିନ ସମୟ ଲାଗିଥାଏ ।

**ସଂରକ୍ଷଣ**

ପ୍ରକ୍ରିୟାକରଣ ପରେ ଚାର ବୀଜ ବା ମଞ୍ଜିକୁ ସର୍ବଦା ଶୁଖିଲା ବସ୍ତା କିମ୍ବା ଝୁଡ଼ିରେ ସଂଗ୍ରହ କରନ୍ତୁ । ମାଟିଠାରୁ ଉଚ୍ଚ ସ୍ଥାନରେ ରଖିବା ଲାଗି ବ୍ୟବସ୍ଥା କରିବା ଆବଶ୍ୟକ । ତେବେ ଏଥିଲାଗି ବାଉଁଶ ଭାଡ଼ିର ବ୍ୟବହାର କରାଯାଇପାରେ । କୀଟ, ଉଇ, ଅସରପା ଭଳି କ୍ଷତିକାରକ କୀଟ ମାନଙ୍କଠାରୁ ବୀଜକୁ ରକ୍ଷା କରିବା ଲାଗି ନିମ୍ବପତ୍ର କିମ୍ବା କିଛି କୀଟନାଶକ ଔଷଧ ସିଞ୍ଚନ କରିବା ଉଚିତ୍ । ଏହା ଫଳରେ କୀଟ ଶସକୁ ଆକ୍ରମଣ କରିବେ ନାହିଁ ଏବଂ ଶସ ଅଧିକ ଦିନ ଧରି ସଂରକ୍ଷିତ ହୋଇପାରିବ । ତେଣୁ ଏହି ସମୟରେ ଶସ ସଂରକ୍ଷଣ କଲେ ଆର୍ଦ୍ରତା କାରଣରୁ ଫିମ୍ପି ଲାଗିବାର ସମ୍ଭାବନା ଥାଏ । ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ସଂରକ୍ଷଣ ବେଳେ କେବେମଧ୍ୟ ବୀଜକୁ ମାଟିପାତ୍ରରେ ରଖିବା ଉଚିତ୍ ନୁହେଁ; କାରଣ ବାୟୁ ତଥା ମାଟି ସଂସ୍ପର୍ଶରେ ଆସିବା ଦ୍ୱାରା ଏହାର ରଙ୍ଗ କଳା ପଡ଼ିଯାଇଥାଏ । ତେଣୁ ସବୁଠାରୁ ସଠିକ୍ ଉପାୟ ହେଉଛି ପଲିଥିନ୍ ବ୍ୟାଗ୍‌ରେ ସଂରକ୍ଷଣ କରିବା । କାରଣ ପଲିଥିନ୍ ବ୍ୟାଗ୍‌ରେ ସଂରକ୍ଷଣ କରିବା ଦ୍ୱାରା ବୀଜ ରଙ୍ଗର ପ୍ରକାର ସ୍ଥିର ରହିବା ସହ କ୍ୱାଲିଟି ମଧ୍ୟ ଭଲ ରହିଥାଏ । ଫଳରେ ଏହାକୁ ଅଧିକ ଟଙ୍କାରେ ବିକ୍ରି କରାଯାଇପାରିଥାଏ ।

**ଗୁଣାତ୍ମକ ମାନ**

ପ୍ରତ୍ୟେକ ଦ୍ରବ୍ୟର ଗୁଣାତ୍ମକ ମାନ ରହିଥାଏ ଏବଂ ଗୁଣାତ୍ମକ ମାନ ଅନୁଯାୟୀ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ସ୍ଥିର କରାଯାଏ । ସେହି ଅନୁସାରେ ବଜାରରେ ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ତାହାର ଗୁଣାତ୍ମକ ମୂଲ୍ୟ ଅନୁଯାୟୀ ସ୍ଥିର କରାଯାଇଥାଏ । ଚାର ମଞ୍ଜି ମଧ୍ୟ ଏହାର ଅନ୍ତର୍ଗତ ଏବଂ ଏହାର ଗୁଣାତ୍ମକ ମୂଲ୍ୟକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥାଏ ।

ଚାର ମଞ୍ଜିକୁ ଏହି ଦୃଷ୍ଟିରୁ ଦୁଇଭାଗରେ ବିଭକ୍ତ କରାଯାଇଛି ।

୧. ଭଙ୍ଗା
୨. ଅକ୍ଷୁର୍ଣ୍ଣ ବା ଗୋଟା ଲିଆ

ତେବେ ଗୋଟାଳିଆ ଥିବା ଶସକୁ ଭାଙ୍ଗିଯାଇଥିବା ଶସ ଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଏହା ବାଦ୍ ଦାନାର ଆକାର, ମସୃଣତା ଓ ରଙ୍ଗ ପ୍ରଭୃତି ମଧ୍ୟ ଗୁଣାତ୍ମକ ମାନ ନିର୍ଣ୍ଣୟ କରିବାରେ ବିଶେଷ ଭୂମିକା ତୁଲାଇଥାଏ । କାରଣ ରଙ୍ଗ ସହିତ ଈଷତ୍ ଲାଲ ରଙ୍ଗର ଶସକୁ ନିକୃଷ୍ଟ ଧରଣ ବୋଲି ବିଚାର କରାଯିବା ସହିତ ଧଳା ରଙ୍ଗକୁ  ସର୍ବୋତ୍କୃଷ୍ଟ ବୋଲି ଧରାଯାଇଥାଏ । ସେହିପରି ଚାର ଶସର ଉଜ୍ଜ୍ୱଳତା ବା ସତେଜତାକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । କାରଣ ସତେଜତା ନଥିଲେ ଏହା ଆଖି ଦୃଶିଆ ହେବ ନାହିଁ ଏବଂ ବ୍ୟବସାୟୀ



ସଂଗ୍ରହ ପରେ ଚାର ମଞ୍ଜି

**ଆଇନ୍ କାନୁନ୍**

ବହୁପୂର୍ବରୁ ଆଦିବାସୀ ତଥା ପ୍ରାଥମିକ ସଂଗ୍ରହକାରୀମାନେ ଚାର ମଞ୍ଜିର ସଂଗ୍ରହ କରି ଆସୁଥିଲେ ; ତେବେ ବନ ବିଭାଗର କଡ଼ା ନିୟନ୍ତ୍ରଣ ଏହା  ଉପରେ ଥିଲା । ଫଳରେ ସଂଗ୍ରହକାରୀ ମାନେ ନାନା ପ୍ରକାରର ଅସୁବିଧାରେ ରହୁଥିଲେ । ୨୦୦୦ ମସିହା ମାର୍ଚ୍ଚ ୩୦ ତାରିଖରେ ନୂତନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆଇନ୍ ଲାଗୁ କରାଯିବା ପରେ ରାଜ୍ୟ ସରକାର ମୋଟ ୬୦ଟି ବନଜାତ ଦ୍ରବ୍ୟର ମାଲିକାନା ଅଧିକାର ଗ୍ରାମପଞ୍ଚାୟତକୁ ପ୍ରଦାନ କରିଥିଲେ ; କିନ୍ତୁ ଏହା ମଧ୍ୟରେ ଚାର ମଞ୍ଜି ଭଳି କେତେକ ତୈଳ ଜାତୀୟ ମଞ୍ଜିକୁ ସାମିଲ କରଯାଇନଥିଲା । ଏହି କାରଣ ଲାଗି ସରକାର ସମାଲୋଚିତ ହୋଇଥିଲେ । ତେବେ ଏହା ପରେ ପୁଣିଥରେ ଅଗଷ୍ଟ ମାସରେ ଚାର ମଞ୍ଜି ସମେତ ୮ଟି ତୈଳ ଜାତୀୟ ମଞ୍ଜିକୁ ଉକ୍ତ ନୀତିରେ ଅନ୍ତର୍ଭୁକ୍ତ କରିଥିଲେ । ଏହା କେବଳ ଅନୁସୂଚୀତ ଅଞ୍ଚଳ ଲାଗି ଉଦ୍ଦିଷ୍ଟ ବୋଲି ଆଇନ୍‌ରେ ଲେଖାଯିବା ସହିତ ଅନୁସୂଚୀତ ଅଞ୍ଚଳ ବାହାରେ ଥିବା ପଞ୍ଚାୟତକୁ ମଧ୍ୟ ନିଜ ଅଞ୍ଚଳରେ ବ୍ୟବସାୟ ପରିଚାଳନା କରିବା ପାଇଁ ଅନୁମତି ମିଳିଥିଲା । ସେବେଠାରୁ ଆଜି ପର୍ଯ୍ୟନ୍ତ ଚାର ମଞ୍ଜିର ବ୍ୟବସାୟ ପୂର୍ବାପେକ୍ଷା ସୁରୁଖୁରୁରେ ଚାଲି ଆସିଛି ।

ଏହାକୁ ପସନ୍ଦ କରିବେ ନାହିଁ । ତେଣୁ ସଂଗ୍ରହ ଓ ପ୍ରକ୍ରିୟାକରଣ ବେଳେ ରଙ୍ଗ, ଶସର ଆକାର ଅନୁଯାୟୀ ମଧ୍ଯ ସତେଜତାକୁ ଗୁରୁତ୍ୱ ଦିଆଯିବା ଉଚିତ୍ । ଯାହାକୁ ଉପଯୋଗ କଲେ ପ୍ରାଥମିକ ସଂଗ୍ରହକାରୀ ଅଧିକ ମୂଲ୍ୟ ପାଇପାରିବେ ।

ଚ଼ାର ବ୍ୟବସାୟ କରୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀ ମାନଙ୍କ ମତରେ ଚ଼ାର ମଞ୍ଜିର ଅନେକ ପ୍ରକାର ଭେଦ ରହିଛି । ସେହିପରି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମିଳୁଥିବା ଚ଼ାରମଞ୍ଜିର ଆକାର କ୍ୱାଲିଟି ତଥା ରଙ୍ଗରେ ବିବିଧତା ଥାଏ । ତେବେ ମୟୁରଭଞ୍ଜ ଜିଲ୍ଲାରେ ମିଳୁଥିବା ଚ଼ାରମଞ୍ଜି ରାଜ୍ୟର ଅନ୍ୟ ସମସ୍ତ ସ୍ଥାନଠାରୁ ମିଳୁଥିବା ମଞ୍ଜିଠାରୁ ଉନ୍ନତ ଧରଣର ତଥା ବଡ଼ ଆକାରର ହୋଇଥାଏ । ତେଣୁ ବ୍ୟବସାୟୀମାନେ ମୟୁରଭଞ୍ଜ ଭଳି ଭଲ ତଥା ଉନ୍ନତ କ୍ୱାଲିଟି ଯୁକ୍ତ ଚ଼ାର ମଞ୍ଜି ମିଳୁଥିବା ସ୍ଥାନକୁ ସଂଗ୍ରହ ଲାଗି ଯାଇଥାନ୍ତି ।

**ବ୍ୟବସାୟ**

ଚ଼ାରଦାନା ଓ ମଞ୍ଜି ଉଭୟର ବ୍ୟବସାୟ କରାଯାଉଥିଲେ ମଧ୍ଯ ଏହା ସେତେ ବ୍ୟାପକ ହୋଇନାହିଁ । କାରଣ ବ୍ୟବସାୟୀମାନେ ଯେଉଁ ପରିମାଣର ଚ଼ାରମଞ୍ଜି ବା ଚ଼ାର ଶସ ଖୋଜନ୍ତି ତାହା କିଛି ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ମିଳିନଥାଏ । ତାହାଛଡ଼ା ଚ଼ାର ମଞ୍ଜିକୁ ବଜାରରେ ଖୁଚୁରାଭାବେ ସଂଗ୍ରହକାରୀମାନେ ବିକ୍ରି କରିଦେଉଥିବାରୁ ଅଧିକ ପରିମାଣର ମଞ୍ଜି ବା ବୀଜ ବଜାରକୁ ଆସିପାରିନଥାଏ । ତେଣୁ ବର୍ତ୍ତମାନ ଏହି ବ୍ୟବସାୟକୁ ବ୍ୟାପକ କରିବାର ସମୟ ଆସିଛି ।



ପ୍ରକ୍ରିୟାକରଣ ପରେ ଚାର ମଞ୍ଜି

**ବଜାର ଦର**

ଚ଼ାର ମଞ୍ଜି ସଂଗ୍ରହର ମୁଖ୍ୟ ଉଦ୍ଦେଶ୍ୟ ବ୍ୟବସାୟ କରିବା । ବଜାର ଦର କଥା ସାମନାକୁ ଆଣିଲେ ପ୍ରକ୍ରିୟାକରଣ କରଯାଇନଥିବା ଅର୍ଥାତ୍ ବୀଜ ବାହାର କରାଯାଇନଥିବା ମଞ୍ଜିର ଦାମ କମ ରହୁଥିବାବେଳେ କେବଳ ବୀଜଗୁଡ଼ିକର ଦାମ ବହୁତ ଅଧିକ ହୋଇଥାଏ । ସାରଣୀ-୨ ରେ କେତେକ ବଜାରରେ ଥିବା ଚ଼ାର ମଞ୍ଜି ବଜାର ଦର ବିଷୟରେ ସୂଚନା ଦିଆଗଲା

ସାରଣୀ-୨କୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ବଜାରରେ ମଞ୍ଜିର ଦାମ ୪୫ ଟଙ୍କାରୁ ୫୦ ଟଙ୍କା ମଧ୍ୟରେ ସୀମିତ ରହୁଥିବା ବେଳେ ବୀଜର ଦାମ ସର୍ବନିମ୍ନ ୧୩୫ ଟଙ୍କାରୁ ୨୪୦ ଟଙ୍କା ମଧ୍ୟରେ ସୀମିତ ରହୁଛି ।

ତେବେ ବର୍ତ୍ତମାନର ବଜାରରେ କ୍ରମେ ଚ଼ାର ଶସର ବ୍ୟବହାର ତଥା ବିକ୍ରୀ ଅଧିକ ହେବାରେ ଲାଗିଥିବାରୁ ଚ଼ାର ମଞ୍ଜି ତଥା ବୀଜର ମୂଲ୍ୟ ବୃଦ୍ଧି ହେବାର ଆଶା କରଯାଉଛି । ତେଣୁ ସଂଗ୍ରହକାରୀ ମଧ୍ଯ ଏଥିରୁ ଭଲ ଦୁଇପଇସା ପାଇପାରିବାର ସମ୍ଭାବନା ରହୁଛି ।

**ଭଲ ମଞ୍ଜି ବାଛିବା ଲାଗି ବ୍ୟବସାୟିକ କୌଶଳ**

ଚ଼ାର ମଞ୍ଜିର ମୂଲ୍ୟ ତାହାର ଦାନା ବା ଶସ ଉପରେ ନିର୍ଭର କରେ । ତେଣୁ ବ୍ୟବସାୟୀମାନେ ଭଲ ଚ଼ାରମଞ୍ଜି କୁ ପରଖିବା ତଥା ତାହାର ମୂଲ୍ୟ ସ୍ଥିର କରିବା ଲାଗି ନିମ୍ନ ପ୍ରକାରର କୌଶଳ ଅବଲମ୍ବନ କରିଥାନ୍ତି । ସେମାନେ ସଂଗ୍ରହକାରୀ ଆଣିଥିବା ବସ୍ତା ବା ଝୁଡ଼ିରୁ ୧୦୦ଟି ମଞ୍ଜି ଆଣି ପାଣିରେ ପକାନ୍ତି । ଦେଖାଯାଇଛି ଯେ ପାଣିରେ ବୁଡ଼ିଯାଉଥିବା ମଞ୍ଜିଗୁଡ଼ିକ ମଧ୍ୟରୁ ସବୁତକ ମଞ୍ଜି ନିଦା ନଥାଏ । ତନ୍ମମଧ୍ୟରୁ କେତେକ ମଞ୍ଜି ସମ୍ପୂର୍ଣ୍ଣ ଫମ୍ପା ନଥିଲେ ମଧ୍ଯ କିଛି ପରିମାଣରେ ଫମ୍ପା ଥାଏ । ପାଣିରେ ବୁଡ଼ିଯାଇଥିବା ମଞ୍ଜି ଗୁଡ଼ିକର ସଂଖ୍ୟାକୁ ବିଚାରକରି ସମ୍ପୂର୍ଣ୍ଣ ମଞ୍ଜି ବସ୍ତାର ମୂଲ୍ୟ ନିର୍ଦ୍ଧାରଣ କରାଯାଏ । ଏହା ସହିତ ବଡ଼ ମଞ୍ଜିକୁ ମଧ୍ଯ ଅଗ୍ରାଧିକାର ପ୍ରଦାନ କରାଯାଇ ଅଧିକ ମୂଲ୍ୟ

**ସାରଣୀ-୨**

| ନୂଆଦିଲ୍ଲୀ | | କଲିକତା | | ରାୟପୁର | | ଜଗଦଲପୁର | | କାନପୁର | | ନବରଙ୍ଗପୁର | | କଣ୍ଟାବାଞ୍ଜି | |
|---|---|---|---|---|---|---|---|---|---|---|---|---|---|
| ମଞ୍ଜି | ଦାନା | ମଞ୍ଜି | ଦାନା | ମଞ୍ଜି | ଦାନା | ମଞ୍ଜି | ଦାନା | ମଞ୍ଜି | ଦାନା | ମଞ୍ଜି | ଦାନା | ମଞ୍ଜି | ଦାନା |
| ୪୫ | ୩୧୦ | ୪୧ | ୨୮୦ | ୩୦-୩୮ | ୩୫୦ | ୨୫-୩୫ | ୧୫୦-୩୦୦ | - | ୧୮୦-୨୪୦ | ୪୮-୫୨ | - | ୫୦ | - |

*ଉତ୍ସ: ଚ଼ାର ପୁସ୍ତିକା; ଆର୍.ସି.ଡ଼ି.ସି.*


ପରିପକ୍ୱ ଅବସ୍ଥାରେ ଚାର ମଞ୍ଜି

ଧାର୍ଯ୍ୟ କରାଯାଇଥାଏ । ମଞ୍ଜିର ଆକାର ସର୍ବଦା ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ବସ୍ତା ଭର୍ତ୍ତି ମଞ୍ଜି ମଧ୍ୟରୁ ବଡ଼ ଓ ସାନ ମଞ୍ଜିକୁ ବାଛିବା କଷ୍ଟକର ହୋଇଥାଏ । ବଶେଷତଃ ଶସ ନଥିବା ମଞ୍ଜିଗୁଡ଼ିକରୁ ମିଳୁଥିବା ଶସର ମାନ ନିଦା ଶସ ଥିବା ମଞ୍ଜିଠାରୁ ସାମାନ୍ୟ ନମ୍ନ ଧରଣର ଅଟେ । ତେବେ ଚ଼ାରମଞ୍ଜିର ଅନ୍ୟତମ ଗୁଣାତ୍ମକ ଦିଗ ହେଉଛି ଏହାର ରଙ୍ଗ । କାରଣ ବ୍ୟବସାୟୀମାନେ ଏହାର ରଙ୍ଗକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରନ୍ତି । ତେବେ ପ୍ରକୃତ କ୍ଷେତ୍ରରେ ଦେଖିବାକୁ ଗଲେ ବ୍ୟବସାୟରେ ଚ଼ାର ମଞ୍ଜିର ଗୁଣାତ୍ମକ ପରିମାଣ ଯେତେ ଅଧିକ ଥିଲେମଧ କେବେହେଲେ ସ୍ଥିର କରାଯାଇଥିବା ମୂଲ୍ୟର ୯୦ ପ୍ରତିଶତରୁ ଅଧିକ ପରିମାଣର ମୂଲ୍ୟ ମିଳିନଥାଏ ।

## ସମସ୍ୟା

ଚ଼ାର ମଞ୍ଜି ତଥା ଶସର ଦାମ ବହୁତ ରହୁଥିଲେ ମଧ୍ୟ ସଂଗ୍ରହକାରୀମାନେ ବିକ୍ରି କରିପାରିଲା ଭଳି ପରିମାଣର ମଞ୍ଜି ସଂଗ୍ରହ କରିନପାରିଲେ ତାହାକୁ ବିକ୍ରି କରିବା ଲାଗି ଇଛା ପ୍ରକାଶ କରିନଥାନ୍ତି ଏବଂ ନିଜ ଘରେ ତାହାକୁ ବ୍ୟବହାର କରିଥାନ୍ତି । ଏହାଛଡ଼ା ଆଉ ଏକ ବିଷୟ ଅଛି ଯାହା ଅନ୍ୟତମ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ସମସ୍ୟାଟି ହେଲା ଓଡ଼ିଶାରେ ଚ଼ାର ମଞ୍ଜି ସଂଗ୍ରହ କରାଯାଉଥିବା ତଥା ବିକ୍ରି କରାଯାଉଥିବା ଜିଲ୍ଲା ମାନଙ୍କର ପ୍ରାଥମିକ ସଂଗ୍ରହକାରୀମାନେ ମଞ୍ଜିର ପ୍ରକ୍ରିୟାକରଣ ବା ମୂଲ୍ୟଯୋଗ କରନ୍ତି ନାହିଁ । ସେମାନେ ମଞ୍ଜିରୁ ବୀଜ ଛଡ଼ାଇନଥାନ୍ତି । ମଞ୍ଜିର ବର୍ଗିକରଣ ମଧ୍ୟ କରୁନଥିବାରୁ ଭଲ ଓ ଖରାପ ମଞ୍ଜିକୁ ଏକତ୍ର କରି ବିକ୍ରି କରିଦେଇଥାନ୍ତି । ତେଣୁ ଅଧିକ ଦୁଇପଇସା ପାଇନଥାନ୍ତି ।

ଆଦିବାସୀମାନେ ଚ଼ାରମଞ୍ଜି ସଂଗ୍ରହ କରିବା ଲାଗି ଉଭୟ ପରିପକ୍ୱ ଓ ଅପରିପକ୍ୱ ଫଳଗୁଡ଼ିକୁ ସଂଗ୍ରହ କରିଦେଇଥାନ୍ତି । ଫଳରେ ପରିପକ୍ୱ ଫଳଗୁଡ଼ିକ ବିକ୍ରିଲାଗି ଉପଯୁକ୍ତ ହେଉଥିବାବେଳେ ଅପରିପକ୍ୱ ଫଳଗୁଡ଼ିକ ଉପଯୁକ୍ତ ହୋଇନଥାନ୍ତି । ତେଣୁ ଏହା ବ୍ୟବସାୟ ଉପରେ କୁପ୍ରଭାବ ପକାଉଥିବାର ଲକ୍ଷ କରାଯାଇଛି ।

ତେବେ ମଞ୍ଜି ପ୍ରକ୍ରୟାକରଣ ନକରି ବିକ୍ରି କରିବା ମଧ୍ୟରେ ଏକ କାରଣ ରହିଛି । ଚ଼ାର ବୀଜ ଅପେକ୍ଷା ମଞ୍ଜି ଅଧିକ ପରିମାଣରେ ବିକ୍ରିହୁଏ । ଯଦିଓ ଚ଼ାର ମଞ୍ଜିଠାରୁ ଚ଼ାର ଶସ ଖୁବ୍ ଅଧିକ ପରିମାଣ ଅର୍ଥ ଯୋଗାଇଥାଏ; ତଥାପି ମଧ୍ୟ ସଂଗ୍ରହକାରୀମାନେ ପ୍ରକ୍ରିୟାକରଣ କରି ବିକ୍ରି କରିବାକୁ ଇଛା ପ୍ରକାଶ କରିନଥାନ୍ତି । ସେମାନେ ମଧ୍ୟ ସମ୍ପୂର୍ଣ୍ଣ ଆକାରରେ ଚ଼ାର ମଞ୍ଜି ଓ ଚ଼ାର ଶସ ବିଷୟ ତଥା ବଜାର ଦର ବିଷୟରେ ଅଜ୍ଞ ଥାନ୍ତି । ତେଣୁ ଶସ ବାହାରନକରି ସିଧାସଳଖ ମଞ୍ଜି ବିକ୍ରି କରିଦେବା ଲାଗି ଇଛା ପ୍ରକାଶ କରିଥାନ୍ତି । ସେମାନେ ଚ଼ାର ମଞ୍ଜିରୁ ଶସ ବା ଦାନା ବାହାର କରିବା ପାଇଁ ଲାଗୁଥିବା ସମୟ, ପରିଶ୍ରମକୁ ଗୁରୁତ୍ୱ ଦେଇନଥାନ୍ତି ବରଂ ଏହି ସମୟକୁ ଅନ୍ୟାନ୍ୟ ଘରୋଇ ତଥା ଚ଼ାଷ କାମରେ ଲଗାଇଥାନ୍ତି ।

## ଶେଷକଥା

ବର୍ତ୍ତମାନ ବିଭିନ୍ନ ତୈଳ ଜାତୀୟ ପଦାର୍ଥର ନୂଆନୂଆ ଆବିଷ୍କାର କରାଯାଉଛି । ଫଳରେ ନୂଆ ଜିନିଷରେ ଏହାର ବ୍ୟବହାର ସମ୍ପର୍କରେ ତଥ୍ୟ ସବୁ ଜଣାପଡୁଛି । ତେବେ ଖାଦ୍ୟ ପଦାର୍ଥରେ ତଥା ତୈଳ ପ୍ରସ୍ତୁତିରେ ଚ଼ାର ମଞ୍ଜିର ବ୍ୟବହାରକୁ ବର୍ତ୍ତମାନ ଅଧିକ ଗୁରୁତ୍ୱ ଦିଆଯିବା ଆରମ୍ଭ ହେଲାଣି । ତେଣୁ ଅଧିକ ଚ଼ାର ମଞ୍ଜିର ଆବଶ୍ୟକତା ବର୍ତ୍ତମାନ ଆବଶ୍ୟକ ପଡୁଛି । ତେଣୁ ସଂଗ୍ରହକାରୀଙ୍କୁ ଏଥିଲାଗି ଅଧିକ ପରିମାଣର ଚ଼ାରମଞ୍ଜି ସଂଗ୍ରହ କରିବାକୁ ପଡ଼ିବ । ତେବେ ଏଥିଲାଗି ଚିରନ୍ତନ ସଂଗ୍ରହ ପ୍ରଣାଳୀକୁ ଆପଣାଇବାକୁ ହେବ ଯେଉଁଥିରେ କେବଳ ପାଚିଲା ଫଳକୁ ସଂଗ୍ରହ କରାଯିବ ଏବଂ ଅପରିପକ୍ୱ ଫଳକୁ ସଂଗ୍ରହ ନକରି ଗଛରେ ଛାଡ଼ିଦିଆଯିବ । ସେହିପରି ଡ଼ାଳହାଣି ବା ଗଛ ହାଣି ସଂଗ୍ରହ କରିବା ଭଳି ନକରାତ୍ମକ ପ୍ରକ୍ରିୟାରୁ ନିଜକୁ ତଥା ଅନ୍ୟମାନଙ୍କୁ ଦୁରେଇ ରଖନ୍ତୁ । କାରଣ ଏହାଦ୍ୱାରା ଆସନ୍ତା ବର୍ଷକୁ ପୁଣିଥରେ ସଂଗ୍ରହ ସମ୍ଭବ ହୋଇପାରିନଥାଏ । ଏହା ବାଦ୍ ନିଜେ ଚ଼ାର ମଞ୍ଜି ଭଳି ଅନ୍ୟାନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟର ଚ଼ାରାକୁ ଜଙ୍ଗଲରେ ଲଗାନ୍ତୁ ଏବଂ ତାହାର ଯତ୍ନ ନିଅନ୍ତୁ । ଯାହା ଫଳରେ ନିଜେ ଏହାର ସୁଫଳ ଦିର୍ଘଦିନ ଧରି ପାଇପାରିବେ ।

✧

# କୁସୁମ ମଞ୍ଜି

ଜଙ୍ଗଲ ରୁ ମିଳୁଥିବା କେତେକ ମୁଖ୍ୟ ତୈଳବୀଜ ଜାତୀୟ ଗଛ ମଧ୍ୟରୁ କୁସୁମ ଅନ୍ୟତମ । ଏହି ଗଛ ଆମ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲା ମାନଙ୍କରେ ଦେଖିବାକୁ ମିଳିଥାଏ । ତେବେ ବିଶେଷ କରି କୋରାପୁଟ, ରାୟଗଡା, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଭଳି ଦକ୍ଷିଣ ଓଡ଼ିଶା ଅନ୍ତର୍ଗତ ଜିଲ୍ଲା ଗୁଡ଼ିକରେ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ । ତେଣୁ ଉକ୍ତ ଜିଲ୍ଲାମାନଙ୍କର ଅନ୍ୟ ଜିଲ୍ଲାମାନଙ୍କ ଅପେକ୍ଷା କୁସୁମ ମଞ୍ଜିର ସଂଗ୍ରହ ଓ ବ୍ୟବସାୟ ଅଧିକ କରାଯାଇଥାଏ ।

ପୂର୍ବରୁ ଅଧିକ ମାତ୍ରାରେ କୁସୁମ ମଞ୍ଜିର ସଂଗ୍ରହ କରାଯାଉନଥିଲା ତେଣୁ ଆଦିବାସୀମାନେ ଏହାର ସଂଗ୍ରହ ଅପେକ୍ଷା ଶାଳମଞ୍ଜି ଓ ମହୁଲ ଫୁଲ ତଥା ଟୋଲର ସଂଗ୍ରହ ଉପରେ ଗୁରୁତ୍ୱ ଦେଉଥିଲେ । କାରଣ ଏଥିରୁ ସେମାନଙ୍କୁ କିଛି ଅଧିକ ଦୁଇ ପଇସା ମିଳୁଥିଲା । ତେବେ ବର୍ତ୍ତମାନ ତୈଳ ବଜାରରେ କୁସୁମ ମଞ୍ଜିର ଆବଶ୍ୟକତା ବୃଦ୍ଧି ହେତୁ ଏହାର ସଂଗ୍ରହ ଉପରେ ଆଦିବାସୀମାନେ କ୍ରମେ ଗୁରୁତ୍ୱ ଦେବା ଆରମ୍ଭ କଲେଣି । ଫଳ ସ୍ୱରୂପ କୁସୁମ ମଞ୍ଜିର ସଂଗ୍ରହ ଓ ବିକ୍ରିର ପରିମାଣ କ୍ରମେ ବୃଦ୍ଧି ପାଇବାରେ ଲାଗିଲାଣି ।

### କୁସୁମ ମଞ୍ଜିର ସଂଗ୍ରହ

କୁସୁମ ଗଛରେ ପ୍ରତ୍ୟେକ ବର୍ଷର ଏପ୍ରିଲ ମାସରୁ ଫୁଲ ଧରିବା ଆରମ୍ଭ ହୋଇଥାଏ । ଫୁଲ ଗଛରେ ପାଖାପାଖି ଗୋଟିଏ ମାସ ବା ମେ ମାସ ଶେଷ ପର୍ଯ୍ୟନ୍ତ ରହିଥାଏ । ଏହି ସମୟରେ ଫୁଲରୁ କସି ଧରିବା ଆରମ୍ଭ ହୋଇଥାଏ ଏବଂ ଫଳ ଜୁନ୍‌ରୁ ଜୁଲାଇ ମାସ ମଧ୍ୟରେ କ୍ରମେ କ୍ରମେ ପାକଳ ହେବା ସହିତ ଝଡ଼ିବା ଆରମ୍ଭ କରିଥାଏ । ଏହି ସମୟରେ ଆଦିବାସୀମାନେ ସେମାନଙ୍କର ଗ୍ରାମ ନିକଟସ୍ଥ ଜଙ୍ଗଲ କିମ୍ବା ନିଜର ଅଧିକୃତ ଜଙ୍ଗଲରୁ କୁସୁମ ମଞ୍ଜି ସଂଗ୍ରହ କରିବାକୁ ଯାଇଥାନ୍ତି । ପ୍ରତ୍ୟେକ ପରିବାର ଜଙ୍ଗଲରେ ଥିବା ବଡ଼ ବଡ଼ କୁସୁମ ଗଛକୁ ମୁଖ୍ୟତଃ ସଂଗ୍ରହ ଲାଗି ବାଛିଥାନ୍ତି । କାରଣ ଛୋଟ ବା ଅଳ୍ପ ବୟସ୍କ ଗଛ ଗୁଡ଼ିକ ଅପେକ୍ଷା ବଡ଼ ଗଛ ଗୁଡ଼ିକରେ ଅଧିକ ପରିମାଣର ମଞ୍ଜି ଧରିଥାଏ । ତେଣୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ସେମାନେ ବିଭିନ୍ନ ଗଛକୁ ନିଜର ଅଧିକାରକୁ ଆଣିଥାନ୍ତି । ତେବେ ଏହା ସବୁଠାରେ ପ୍ରୟୋଗ ହୋଇନଥାଏ ଓ ସମଗ୍ର ଜଙ୍ଗଲରୁ ଆଦିବାସୀମାନେ କୁସୁମ ମଞ୍ଜି ସଂଗ୍ରହ କରିଥାନ୍ତି ।

କୁସୁମ ମଞ୍ଜିର ସଂଗ୍ରହ ସମୟ ଆସିଲେ ଆଦିବାସୀ ବିଶେଷ କରି ସ୍ତ୍ରୀ ଲୋକମାନେ ମୁଣ୍ଡରେ ଛୋଟ ବଡ଼ ଡ଼ାଲା ଧରି ସଂଗ୍ରହ କରିବାକୁ ମିଳିତ ଭାବେ ଜଙ୍ଗଲକୁ ବାହାରିଥାନ୍ତି । ସଙ୍ଗରେ ସେମାନେ ଆଙ୍କୁଡ଼ା ଟାଙ୍ଗିଆ କିମ୍ବା କଟୁରୀ ଭଳି ହତିଆର ଧରି ବାହାରିଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ଲମ୍ବା ଆଙ୍କୁଡ଼ି ସାହାଯ୍ୟରେ ଡାଳକୁ ହଲାଇ ତୋଳୁଥିବା ବେଳେ ଅନେକ ଗଛରେ ଚଢ଼ି ଡାଳକୁ ହଲାଇ ସଂଗ୍ରହ କରିଥାନ୍ତି । ତେବେ ଗଛ ତଳକୁ ସେମାନେ ସଂଗ୍ରହ କରିବା ପୂର୍ବରୁ ସଫା କରିଦେଇଥିବାରୁ ତଳେ ପଡ଼ିଥିବା ମଞ୍ଜିକୁ ଗୋଟାଇବା ସହଜ ହୋଇଥାଏ ।

କିନ୍ତୁ ସଂଗ୍ରହ କ୍ଷେତ୍ରରେ ଗୋଟିଏ ଅସୁବିଧା ଦେଖାଯାଏ । କୁସୁମ ଗଛ ଛୋଟ ଛୋଟ ଅବସ୍ଥାରେ ଥିଲେ ସେଥିରୁ ମଞ୍ଜି ସଂଗ୍ରହ କରିବା ସହଜ ହୋଇଥାଏ । କିନ୍ତୁ ଗଛ ବଡ଼ ହୋଇଗଲା ପରେ ଆଉ ସହଜ ହୋଇନଥାଏ । ତେଣୁ ସଂଗ୍ରହ ସମୟରେ ସଂଗ୍ରହକାରୀମାନେ ଗଛରେ ଚଢ଼ି

**କୁସୁମ ମଞ୍ଜିର ଭଲ ଅମଳ ପାଇଁ: ଆମ୍ବ କୋଇଲି ପୂଜା**

ପ୍ରତ୍ୟେକ ସ୍ଥାନରେ ନହେଲେ ମଧ୍ୟ ଆଦିବାସୀ ପ୍ରବଣ ଜିଲ୍ଲାମାନଙ୍କରେ ବିଭିନ୍ନ ବନଜାତ ଦ୍ରବ୍ୟ ସଂଗ୍ରହ ପୂର୍ବରୁ ବିଭିନ୍ନ ପୂଜା ପର୍ବାଣୀମାନ ପାଳନ କରିଥାନ୍ତି । ନୟାଗଡ଼ ଜିଲ୍ଲାରେ ଶିଆଳୀ ପତ୍ର ଲାଗି "ଶିଆଳୀ ପରବ" ପାଳନ କରାଯାଉଥିବା ବେଳେ ରାୟଗଡ଼ା ଜିଲ୍ଲାରେ କେ.ସିଂ.ପୁର ଅନ୍ତର୍ଗତ ପଞ୍ଚାୟତ ମାନଙ୍କରେ ଫୁଲଝାଡୁ ସଂଗ୍ରହ ପୂର୍ବରୁ "ଝାଙ୍କର ପୂଜା" ନାମକ ଏକ ପୂଜା କରାଯାଇଥାଏ । ସେହିଭଳି କୁସୁମ ଫୁଲ ସଂଗ୍ରହ କରିବା ଲାଗି କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ "ପିପ୍ପଳ ପଦର" ଓ "ବାରିଗାଁ" ଅଞ୍ଚଳର ପ୍ରାଥମିକ ସଂଗ୍ରହକାରୀମାନେ କୁସୁମ ମଞ୍ଜି ସଂଗ୍ରହ କରିବା ପୂର୍ବରୁ 'ଆମ୍ବ କୋଇଲି ପୂଜା' ନାମକ ଏକ ପୂଜା କରିଥାନ୍ତି । ଏହି ପୂଜା ପ୍ରତ୍ୟେକ ବର୍ଷର ଜୁନ୍ ମାସ ଶେଷ ସପ୍ତାହରୁ ଜୁଲାଇ ମାସର ପ୍ରଥମ ସପ୍ତାହରେ ଏକ ରବିବାରରେ ପଡ଼ିଥାଏ । ଏହି ସମୟରେ ଜଙ୍ଗଲରୁ ଆମ୍ବ ପାଚିବା ସରିଯାଇଥାଏ ବା ଶେଷ ଅବସ୍ଥାକୁ ଆସିଥାଏ । ପୂର୍ବରୁ ଗ୍ରାମବାସୀମାନେ ଆମ୍ବ ଟାକୁଆ ସଂଗ୍ରହ କରି ରଖିଥାନ୍ତି । ଗାଁର ଦିଶାରୀଙ୍କ ନିର୍ଦ୍ଦେଶରେ ଜାନୀ ଉକ୍ତ ଆମ୍ବ ଟାକୁଆ ଗୁଡ଼ିକୁ ଛେଚି ତାହାର କୋଇଲି ଗୁଡ଼ିକୁ କାଢ଼ି ଏକ ରବିବାର ଦିନ କୋଇଲି ଗୁଡ଼ିକୁ ପୂଜାର୍ଚ୍ଚନା କରିବେ । ଏହି ଆମ୍ବ କୋଇଲି ପୂଜା ପରେ ହିଁ ଜଙ୍ଗଲରୁ କୁସୁମ ମଞ୍ଜି ସଂଗ୍ରହ କରାଯିବା ଲାଗି ଅନୁମତି ପ୍ରଦାନ କରାଯାଇଥାଏ । ଆଦିବାସୀମାନେ ଏହି ପର୍ବକୁ ଏକତ୍ର ହୋଇ ପାଳନ କରିଥାନ୍ତି ଏବଂ ସେହିଦିନଠାରୁ କୁସୁମ ମଞ୍ଜି ସଂଗ୍ରହ କରିଥାନ୍ତି । ସେମାନଙ୍କର ବିଶ୍ୱାସ ଯେ ଏହି ପୂଜା କରିବା ଦ୍ୱାରା ଅଧିକ କୁସୁମ ମଞ୍ଜି ସଂଗ୍ରହ କରାଯାଇ ପାରିଥାଏ ଏବଂ ଅଧିକ ଦୁଇପଇସା ମିଳିଥାଏ ।

ଡାଳ ହାଣିଦେଇଥାନ୍ତି । ଅବଶ୍ୟ ହାଣିଲାବେଳେ ସେମାନେ ଅଧିକ ମଞ୍ଜି ଥିବା ଡାଳକୁ ପସନ୍ଦ କରିଥାନ୍ତି । ତେବେ ଏହି କାରଣ ଲାଗି ସେମାନେ ପ୍ରତିବର୍ଷ ଭଲ ଅମଳ ପାଇପାରନ୍ତି ନାହିଁ । ଏପରିକି ଡାଳ ହାଣି ଦେବା ଦ୍ୱାରା ଆସନ୍ତା ୨–୩ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଅମଳ ମିଳିବା କଷ୍ଟକର ହୋଇଯାଇଥାଏ । ତେଣୁ ଏହି ଭଳି କ୍ଷତିକାରକ ସଂଗ୍ରହ ପଦ୍ଧତିରୁ ନିଜକୁ ଦୁରେଇ ରଖିବା ନିହାତି ଆବଶ୍ୟକ ହୋଇଥାଏ । ଗୋଟିଏ ଦିନରେ ଜଣେ ସଂଗ୍ରହକାରୀ ପ୍ରାୟ ୧୫ରୁ ୨୦ କିଲୋ ପର୍ଯ୍ୟନ୍ତ କଞ୍ଚା ମଞ୍ଜି ସଂଗ୍ରହ କରିପାରିଥାଏ ଯାହା ଶୁଖିଗଲାପରେ ୮ ରୁ ୧୦ କିଲୋ ମଧ୍ୟରେ ସୀମିତ ରହିଥାଏ ।

**ପ୍ରକ୍ରିୟାକରଣ**

ଜଙ୍ଗଲରୁ କୁସୁମ ମଞ୍ଜିକୁ ସଂଗ୍ରହ କରିସାରିବା ପରେ ଆଦିବାସୀମାନେ ଏହାର ପ୍ରକ୍ରିୟାକରଣ କରିଥାନ୍ତି । ସେମାନେ ୨ ରୁ ୩ ଦିନ ମଧ୍ୟରେ ତାହାକୁ ସିଝାଇଥାନ୍ତି । କାରଣ ଶୁଖିଗଲେ ମଞ୍ଜି ଉପରେ ଥିବା ଚୋପା ବା ଆବରଣ ମଞ୍ଜି ସହିତ ଲାଖିଯାଇଥାଏ । ସେମାନେ ହାଣ୍ଡିରେ ପାଣି ଗରମ କରି ସେଥିରେ କୁସୁମ ମଞ୍ଜିକୁ ଭଲଭାବେ ସିଝାଇଥାନ୍ତି । ମଞ୍ଜି ସିଝିଲା ସମୟରେ ହଳଦିଆ ରଙ୍ଗର ହୋଇଥାଏ । ଏହାପରେ ମଞ୍ଜିକୁ ବାହାରକୁ କାଢ଼ି ଥଣ୍ଡା କରି ହାତରେ ଘସି ବା ଚକଟି କରି ମଞ୍ଜିରୁ ଚୋପା ଛଡ଼ାଇଥାନ୍ତି ଓ ତାହାକୁ ପାଣିରେ ଭଲ କରି ଧୋଇଥାନ୍ତି । ମଞ୍ଜିକୁ ଖରାରେ ୫ ରୁ ୧୦ ଦିନ ପର୍ଯ୍ୟନ୍ତ ଶୁଖାଯାଇଥାଏ । ତେବେ ଏହା ମଧ୍ୟରେ ଖରା ଖୁବ୍ ଭଲ ହେଉଥିବା ଦରକାର । ତାହା ନହେଲେ ଶୁଖାଇବାର ସମୟକୁ ବଢ଼ାଇଦିଆଯିବା ଉଚିତ୍ ।

**ପାରମ୍ପରିକ ତୈଳ ଉତ୍ପାଦନ**

ପ୍ରକ୍ରିୟାକରଣ ପରେ ଆଦିବାସୀମାନଙ୍କ ମଧ୍ୟରୁ କେତେକ କୁସୁମ ମଞ୍ଜିରୁ ତୈଳ ବା ତେଲ ବାହାର କରିଥାନ୍ତି । ତେବେ ଏଥିଲାଗି ସେମାନେ ବାହାରର କଳ ବା ଯନ୍ତ୍ରକୁ ବ୍ୟବହାର ନକରି ନିଜର ପାରମ୍ପରିକ ତୈଳ ପ୍ରସ୍ତୁତି କୌଶଳକୁ ଆପେଣେଇଥାନ୍ତି । ସେଥିଲାଗି ସେମାନେ ଶୁଖିଯାଇଥିବା କୁସୁମ ମଞ୍ଜିକୁ ଘରେ ରଖିଥାନ୍ତି । ମଞ୍ଜିକୁ ପ୍ରାୟ ୭ରୁ ୯ ମାସ ପର୍ଯ୍ୟନ୍ତ ରଖିବାପରେ ଅର୍ଥାତ୍ ମାର୍ଚ୍ଚ ଏପ୍ରିଲ ମାସରେ ମଞ୍ଜିରୁ ତେଲ ବାହାର କରିଥାନ୍ତି । ଏପରି ଦିର୍ଘ ଦିନଧରି ରଖିବା ଦ୍ୱାରା ମଞ୍ଜିରୁ ସମ୍ପୂର୍ଣ୍ଣ ଭାବେ ଜଳୀୟ ଅଂଶ କମିଯାଇଥାଏ । ଫଳରେ ଅଧିକ ପରିମାଣର ତୈଳ ବାହାରିଥାଏ ।

**ମଞ୍ଜିରୁ ତୈଳ ବାହାର କରିବା ପ୍ରକ୍ରିୟା**

ପୂର୍ବରୁ ସଂରକ୍ଷିତ କରାଯାଇଥିବା ଶୁଖିଲା ତେଲ ବାହାର କରିବା ପୂର୍ବରୁ ଥରେ କିମ୍ବା ଦୁଇଥର ଶୁଖାଇ ଦିଆଯାଇଥାଏ । ଏହାପରେ ମଞ୍ଜିକୁ ବାଡ଼ାଇ ବା କୁଟିକରି ଗୁଣ୍ଡ କରିଦିଆଯାଇଥାଏ । ସେହି ମଞ୍ଜିଗୁଣ୍ଡକୁ ହାଣ୍ଡିରେ ବସାଇ ଅଳ୍ପ ପାଣି ଦେଇ ଚୁଲୀରେ ବସାଇ ଗରମ କରାଯାଇଥାଏ । ଚୁଲୀରେ ଗରମ କରାଯିବାପରେ ମଞ୍ଜିରୁ ଧିରେଧିରେ ତେଲ ବାହାରିବା ଆରମ୍ଭ ହୋଇଥାଏ । ତେବେ ଗରମ ହେବାଦ୍ୱାରା ତେଲରେ ମିଶିରହିଥିବା ଜଳ ବାଷ୍ପ ହୋଇ ବାହାରିଯିବ ଓ ପାତ୍ରରେ କେବଳ ତେଲ ରହିଯିବ । ଉକ୍ତ ତେଲକୁ କିଛି ସମୟ ଥଣ୍ଡା କରି ପୁଣିଥରେ କିଛି ସମୟ ଫୁଟାଇବା ଦ୍ୱାରା ସମ୍ପୂର୍ଣ୍ଣଭାବେ ଜଳୀୟ ଅଂଶ ଚାଲିଯାଇଥାଏ ଏବଂ କେବଳ ତେଲ ପଡ଼ିରହିଥାଏ । ଏହି ତେଲକୁ ପ୍ରାୟ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସଂଗ୍ରହ କରାଯାଇପାରିଥାଏ ।

**ତେଲର ଘରୋଇ ବ୍ୟବହାର**

କୁସୁମ ତେଲକୁ ପୂର୍ବେ ଆଦିବାସୀମାନେ ଖାଇବା ତେଲ ଭାବେ ବ୍ୟବହାର କରୁଥିଲେ । ତେବେ ଧିରେଧିରେ ଖାଇବା ତେଲରେ ଶୋରିଷ ତଥା ଅନ୍ୟାନ୍ୟ ତେଲର ବହୁଳ ବ୍ୟବହାର କାରଣରୁ କୁସୁମ ତେଲର ଖାଦ୍ୟରେ ବ୍ୟବହାର କମିଆସିଛି । ଖାଦ୍ୟରେ ବ୍ୟବହାର ବ୍ୟତୀତ ସେମାନେ ଡ଼ିବିରୀ ବତୀ ଜାଳିବାରେ ମଧ୍ୟ କୁସୁମ ତେଲର ବ୍ୟବହାର କରାଯାଉଥିଲା । ତେବେ ବର୍ତ୍ତମାନ ଏହାର ସ୍ଥାନ କିରୋସିନି ନେଇସାରିଛି । କିନ୍ତୁ ଆଜି ମଧ୍ୟ ଜଙ୍ଗଲ ଅଧ୍ୟୁସିତ ଗ୍ରାମ ମାନଙ୍କରେ ଆଦିବାସୀମାନେ କୁସୁମ ତେଲକୁ ଖାଦ୍ୟ ତଥା ଡ଼ିବିରିରେ ଜାଳେଣୀ ଭାବେ ବ୍ୟବହାର କରୁଛନ୍ତି ।

**ଔଷଧୀୟ ବ୍ୟବହାର**

ଉପରୋକ୍ତ ସମସ୍ତ ବ୍ୟବହାର ବାଦ୍ କୁସୁମ ତେଲକୁ ଆଦିବାସୀମାନେ ରୋଗ ପ୍ରତିରୋଧକ ବା ଅନ୍ୟାର୍ଥରେ ଔଷଧ ଭାବେ ବ୍ୟବହାର କରିଥାନ୍ତି । ସେମାନେ ପୁରୁଣା ଘା' ତଥା ସାଧାରଣ କ୍ଷତ ମାନଙ୍କରେ କୁସୁମ ତେଲକୁ ଲେପିବା ଦ୍ୱାରା କିଛି ଦିନ ମଧ୍ୟରେ କ୍ଷତ ଭଲ ହୋଇଯାଇଥାଏ । ସେହିଭଳି ମଶାଠାରୁ ନିଜକୁ ଦୁରେଇ ରଖିବା ତଥା ଜ୍ୱର ନହେବାଲାଗି ସେମାନେ ଶରୀରରେ କୁସୁମ ତେଲକୁ ଲଗାଇଥାନ୍ତି । ଏହାଦ୍ୱାରା ସେମାନଙ୍କୁ ମଶାଠାରୁ ସୁରକ୍ଷା ମିଳିବା ସହିତ ଚର୍ମ ଚିକ୍କଣ ରହିଥାଏ ବୋଲି କହିଥାନ୍ତି । ସାଧାରଣତଃ ଶୀତଦିନ ସମୟରେ ଚର୍ମ ଫାଟୁଥିବା କାରଣରୁ ଆଦିବାସୀମାନେ କୁସୁମ ତେଲକୁ ଶରୀରରେ ଲଗାଇଥାନ୍ତି । ଏହା ବାଦ୍ କେଶରେ ଲଗାଇବା ତଥା ଆଣ୍ଠୁ ଗଣ୍ଠି ବାତ ଓ ମୁଣ୍ଡ ବିନ୍ଧା କ୍ଷେତ୍ରରେ ମଧ୍ୟ ଏହି ତେଲକୁ ଘରୋଇ ଚିକିତ୍ସା ଭାବେ ବ୍ୟବହାର କରାଯାଇଥାଏ ।

ଏହା ବାଦ୍ କୁସୁମ ମଞ୍ଜି ସଂଗ୍ରହ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବ୍ୟବସାୟ କରିବା କୁସୁମ ମଞ୍ଜିକୁ ତୈଳ ତଥା ସାବୁନ୍ ପ୍ରସ୍ତୁତକାରୀ କମ୍ପାନୀମାନେ ଖରିଦ କରିଥାନ୍ତି । ଅନ୍ୟାନ୍ୟ ତୈଳ ଅପେକ୍ଷା କୁସୁମ ତେଲ ସାବୁନ ପ୍ରସ୍ତୁତିରେ ଅଧିକ ଉପଯୋଗୀ ହୋଇଥାଏ । ଏହି ତେଲରୁ ଅଧିକ ପରିମାଣର ଫେଣ ବହାରୁଥିବାରୁ ସାବୁନ୍ ତିଆରି ଉଦ୍ୟୋଗ ଗୁଡ଼ିକ ଅନ୍ୟାନ୍ୟ ତୈଳବୀଜ ଅପେକ୍ଷା କୁସୁମ ମଞ୍ଜିକୁ ଅଧିକ ପରିମାଣରେ ପସନ୍ଦ କରିଥାନ୍ତି ।

**ସଂରକ୍ଷଣ**

କୁସୁମ ମଞ୍ଜିକୁ ସାଧାରଣତଃ ଖରାଦିନ ଶେଷ ବା ବର୍ଷା ଦିନ ଆରମ୍ଭ ବେଳକୁ ସଂଗ୍ରହ କରାଯାଇଥାଏ । ତେଣୁ ଏହାର ସଂରକ୍ଷଣ ସାଧାରଣତଃ ବହୁ ଦିନରୁ ଆରମ୍ଭ ହୋଇଥାଏ । ପ୍ରକ୍ରିୟାକରଣ ସରିଲାପରେ ମଞ୍ଜିକୁ ଶୁଖାଇ ଦିଆଯାଇଥାଏ । ତେବେ ସଂରକ୍ଷଣ ଲାଗି ଭଲ ପ୍ଲାଷ୍ଟିକ୍ ବସ୍ତା ବା ପଲିଥିନ୍ ବ୍ୟାଗରେ ରଖିବା ଭଲ । କାରଣ ଏଥିରେ ରଖିବା ଦ୍ୱାରା ଆର୍ଦ୍ରତା

ବସ୍ତା ଭିତରକୁ ସହଜରେ ପ୍ରବେଶ କରିପାରିନଥାଏ । ଫଳରେ ମଞ୍ଜିଗୁଡ଼ିକ ଅଧିକ ଦିନ ଧରି ସୁରକ୍ଷିତ ଥାଏ ଏବଂ ଫିମ୍ପି ମାରିନଥାଏ । ସେହିପରି ସଂଗ୍ରହ ସମୟରେ କେବଳ ପ୍ରାକୃତିକ କୀଟନାଶକ ପଦ୍ଧତି ବ୍ୟବହାର କରିବା ଉଚିତ୍ । କାରଣ କୃତ୍ରିମ ବ୍ୟବସ୍ଥାର ପ୍ରଚଳନ କଲେ ମଞ୍ଜିର ଗୁଣାତ୍ମକ ମାନରେ କୁ ପ୍ରଭାବ ପକାଇଥାଏ । ତେଣୁ ଏଥିପ୍ରତି ସତର୍କ ରହିବା ଉଚିତ ।

**ପାଣିପାଗ ଓ କୁସୁମ ମଞ୍ଜି ଉତ୍ପାଦନ**

ଆମ ରାଜ୍ୟରେ ତୈଳ ଜାତୀୟ ମଞ୍ଜି ଉତ୍ପାଦନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବହୁତ କମ । କାରଣ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଆମ ରାଜ୍ୟରେ ତୈଳ ଜାତୀୟ ବୃକ୍ଷ ଅପେକ୍ଷାକୃତ କମ ପରିମାଣରେ ଦେଖାଯାଇଥାଏ । ତେବେ ଉତ୍ପାଦନକୁ ପାଣିପାଗ ସହ ବିଚାରକୁ ଆଣିଲେ ମଞ୍ଜି ଉତ୍ପାଦନ କେବଳ ଆମ ରାଜ୍ୟ ନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ପାଣିପାଗ ଅନୁସାରେ ନିୟନ୍ତ୍ରିତ ହୋଇଥାଏ । ସେହି ଭଳି ତୈଳବୀଜ ଜାତୀୟ ବୃକ୍ଷଗୁଡ଼ିକରେ ପ୍ରତିବର୍ଷ ସମାନୁପାତିକ ଭାବେ ଉତ୍ପାଦନ ହୁଏ ନାହିଁ । କାରଣ ତୈଳବୀଜ ଜାତୀୟ ଗଛଗୁଡ଼ିକର ଏକ ସ୍ୱତନ୍ତ୍ର ଉତ୍ପାଦନ ଚକ୍ର ରହିଛି । ଏଣୁ କୌଣସି ଏକ ବର୍ଷ ଅଧିକ ପରିମାଣର ଉତ୍ପାଦନ ହେଉଥିଲେ ଆସନ୍ତା ବର୍ଷେ କିମ୍ବା ଦୁଇବର୍ଷ ପର୍ଯ୍ୟନ୍ତ ଅଧିକ ପରିମାଣର ମଞ୍ଜି ଉତ୍ପାଦନ ହୋଇନଥାଏ ।

ଉଦାହରଣ ସ୍ୱରୂପ ଶାଳମଞ୍ଜିକୁ ନିଆଯାଇ ପାରେ । ୨୦୦୭ ମସିହାରେ ସାରା ଓଡ଼ିଶାରେ ଶାଳମଞ୍ଜିର ଉତ୍ପାଦନ ବହୁତ ଅଧିକ ରହିଥିଲା । ମଞ୍ଜିର ଆକାର ମଧ୍ୟମ ରୁ ଛୋଟ ରହିଥିଲାବେଳେ କେତେକ ସ୍ଥାନରେ ବଡ଼ ମଞ୍ଜି ମିଳିଥିଲା । କିନ୍ତୁ ୨୦୦୮ ମସିହା ଶାଳମଞ୍ଜି ସଂଗ୍ରହ ବର୍ଷରେ ଉତ୍ପାଦନ ପୂର୍ବ ବର୍ଷ ଅପେକ୍ଷା କମ ପରିମାଣର ହୋଇଥିବାବେଳେ ମଞ୍ଜି ବଡ଼ ଆକାରର ହୋଇଛି । ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ତୈଳଜାତୀୟ ବୃକ୍ଷର ଉତ୍ପାଦନ ପାଣିପାଗ ଓ ଋତୁଚକ୍ର ଉପରେ ଅନେକ ପରିମାଣରେ ନିର୍ଭର କରିଥାଏ । ଏଣୁ ତୈଳବୀଜ



ଉତ୍ପାଦନର ସ୍ଥିରତା ନଥିବାରୁ ଏହାର ବଜାର ଦରରେ ମଧ୍ୟ ପ୍ରଭାବ ପଡୁଛି । ଫଳରେ ଅଧିକ ଉତ୍ପାଦନ ହେଉଥିବା ବର୍ଷ ମାନଙ୍କରେ ବଜାର ଦର କମ ରହୁଥିବାବେଳେ ଅଳ୍ପ ଉତ୍ପାଦନ ହେଉଥିବା ବର୍ଷରେ ଦର ଅଧିକ ରହୁଛି । ତେଣୁ ତୈଳ ଉତ୍ପାଦନକାରୀ ଓ ତୈଳବୀଜକୁ ବ୍ୟବସାୟ କରୁଥିବା ଶିଳ୍ପଗୁଡ଼ିକ ଏହା ଉପରେ ଅଧିକ ଭରସା ନକରି ବିକଳ୍ପ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି ।

**ବଜାର**

ଆମ ଦେଶରେ ଥିବା ତୈଳର ଚାହିଦା ମେଣ୍ଟାଇବା ନିମନ୍ତେ ବ୍ୟବହୃତ ହେଉଥିବା ତୈଳର ପ୍ରାୟ ୪୦ ପ୍ରତିଶତ ତୈଳ ବିଦେଶରୁ ଆମଦାନୀ କରାଯାଇଥାଏ । ଦେଶରେ ବ୍ୟବହୃତ ହେଉଥିବା ତୈଳର ୯୦ ପ୍ରତିଶତ ଚାଷ ହେଉଥିବା ତୈଳ ବୀଜରୁ ପ୍ରସ୍ତୁତ ହେଉଥିବାବେଳେ ୧୦ ପ୍ରତିଶତ ତୈଳ ଜଙ୍ଗଲୀ ବୃକ୍ଷରୁ ମିଳୁଥିବା ତୈଳବୀଜରୁ ପ୍ରସ୍ତୁତ ହୋଇଥାଏ । ଆମ ରାଜ୍ୟରେ ପ୍ରଚୁର ପରିମାଣର ତୈଳବୀଜର ଉତ୍ପାଦନକାରୀ ଗଛ ଅଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ସମ୍ବଳକୁ ସମ୍ପୂର୍ଣ୍ଣଭାବେ ବିନିଯୋଗ ବା ବ୍ୟବହାର କରାଯାଇପାରିନାହିଁ । ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଜଣାଯାଏ ଯେ ମହଜୁଦ୍ ଥିବା ତୈଳ ବୃକ୍ଷ ସମ୍ବଳର ମାତ୍ର ଏକ ସପ୍ତମାଂଶକୁ ବର୍ତ୍ତମାନ ଉତ୍ପାଦନ କରାଯାଇପାରୁଛି ।

ଶାଳ ମଞ୍ଜିକୁ ଛାଡ଼ିଦେଲେ ଓଡ଼ିଶାରେ ଅନ୍ୟାନ୍ୟ ତୈଳବୀଜର ଉତ୍ପାଦନ କମ । କାରଣ ଅଧିକାଂଶ ତୈଳବୀଜ ସାବୁନ୍ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ବେଳେ ଓଡ଼ିଶାରେ ସାବୁନ୍ ତିଆରି ଉଦ୍ୟୋଗର ସେତେ ପ୍ରସାର ନାହିଁ ।

**ବଜାର ଦର**

କୁସୁମ ମଞ୍ଜିକୁ ସାଧାରଣତଃ ଖୋଲା ବଜାରରେ ପାଇବା କଷ୍ଟକର ହୋଇପଡ଼ିଥାଏ । କାରଣ ଆଦିବାସୀମାନେ ସଂଗ୍ରହ ପ୍ରକ୍ରିୟାକରଣ କରିବା ମାତ୍ରେ ହିଁ ଖୁଚୁରା ଆକାରରେ ବଜାରରେ ବିକ୍ରି କରିଦେଇଥାନ୍ତି ସେହିଭଳି ଗାଁ ଭିତରୁ କୁଚିଆ ବ୍ୟବସାୟୀମାନେ କିଲୋପ୍ରତି ୧୦ ରୁ ୧୨ ଟଙ୍କା ଦେଇ ଆଦିବାସୀଙ୍କ ଠାରୁ କୁସୁମ ମଞ୍ଜିକୁ ଖୁଚୁରା ଭାବେ କିଣିଦେଇଥାନ୍ତି । ତେଣୁ କୁସୁମ ମଞ୍ଜିକୁ ବାହାର ବଜାରରେ ବିକ୍ରି କରାଯିବା କ୍ୱଚିତ୍ ଦେଖାଯାଇଥାଏ ।

**ଶେଷକଥା**

କୁସୁମ ମଞ୍ଜିର ବ୍ୟବସାୟ ରାଜ୍ୟରେ ସେତେ ଅଧିକ ପରିମାଣର ନଥିଲେ ମଧ୍ୟ କମ ନୁହେଁ କାରଣ କୋରାପୁଟ, ମୟୁରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ଼, ଢେଙ୍କାନାଳ, ଗଞ୍ଜାମ ଜିଲ୍ଲାର ଆଦିବାସୀମାନେ ସଂଗ୍ରହ କରିଥାନ୍ତି । ତେବେ ସଂଗ୍ରହ କ୍ଷେତ୍ରରେ ସହନଶୀଳ ବା ନିରନ୍ତର ସଂଗ୍ରହ ପଦ୍ଧତିକୁ ଗ୍ରହଣକଲେ ଅଧିକ ଉତ୍ପାଦନ ପାଇବା ସହିତ ଦୁଇପଇସା ଅଧିକ ପାଇବେ ବୋଲି ଆଶା କରାଯାଇପାରେ । ✧

# ନିମ୍ବ ମଞ୍ଜି

ବର୍ଷା ଦିନରେ ଶିଆଳୀ ପତ୍ରଛଡ଼ା ଅନ୍ୟ କୌଣସି ବନଜାତ ଦ୍ରବ୍ୟ ମିଳିନଥାଏ ବୋଲି ଅନେକ ଜାଣନ୍ତି । ତେବେ ଏହି ସମୟରେ ନିମ୍ବ ମଞ୍ଜିକୁ ସଂଗ୍ରହ କରାଯାଇପାରେ । ନିମ୍ବ ମଞ୍ଜି ତୈଳବୀଜ ତଥା ଔଷଧୀୟ ବୃକ୍ଷର ଜାତୀୟ ଅନ୍ତର୍ଗତ ହେଉଥିବାରୁ ତଥା ବାହାର ବଜାରରେ ନିମ୍ବ ତେଲର ବହୁଳ ବ୍ୟବହାର ହେଉଥିବାରୁ ମଞ୍ଜିର ବ୍ୟବହାର ତଥା ଆବଶ୍ୟକତା ବୃଦ୍ଧି ପାଇବାରେ ଲାଗିଛି । ତେବେ ଆସନ୍ତୁ ନମ୍ବ ମଞ୍ଜି ବିଷୟରେ ଜାଣିବା ।

## ସଂଗ୍ରହ

ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ନିମ୍ବ ମଞ୍ଜିକୁ ସଂଗ୍ରହ କରାଯାଇଥାଏ । ଗଛରେ ଫଳ ପାଚିଲାପରେ ଅର୍ଥାତ୍ ସବୁଜରୁ ହଳଦିଆ ରଙ୍ଗର ହୋଇଗଲା ପରେ ଆପେ ଆପେ ଝଡ଼ିପଡ଼ିଥାଏ । ସଂଗ୍ରହ କରିବା ବେଳେ ଡ଼ାଳକୁ ଆଙ୍କୁଡ଼ି ଦ୍ୱାରା ହାଲକା ଭାବେ ହଲାଇଲେ ପାଚିଲା ଫଳଗୁଡ଼ିକ ଝଡ଼ିପଡ଼ିଥାଏ । ଏହି ସମୟରେ ଗଛତଳେ ପାଲ ବା ଅଖା ଜରିକୁ ପକାଇବା ଦ୍ୱାରା କେବଳ ମଞ୍ଜିକୁ ସଂଗ୍ରହ କରାଯାଇପାରିଥାଏ ଏବଂ ପତ୍ର, କାଠି, ମାଟି ଭଳି ଅନ୍ୟାନ୍ୟ ଅନାବଶ୍ୟକିୟ ପଦାର୍ଥକୁ ଦୂରେଇ ଦିଆଯାଇଥାଏ । ତେବେ ପୂର୍ବରୁ ମାଟିରେ ପଡ଼ିଥିବା ମଞ୍ଜିକୁ ଗୋଟାଇବା ଉଚିତ୍ ନୁହେଁ କାରଣ ଉକ୍ତ ମଞ୍ଜିଗୁଡ଼ିକ ସାଧାରଣତଃ ନଷ୍ଟ ହୋଇଥାଏ ଏବଂ ସେଥିରେ ଫିମ୍ପି ଲାଗିଯାଇଥାଏ । ସଂଗ୍ରହ ସମୟରେ ସବୁବେଳେ ବଡ଼ ମଞ୍ଜି ଥିବା ଫଳକୁ ଅଗ୍ରାଧିକାର ଦେବାକୁ ପଡ଼େ ।

## ପ୍ରକ୍ରିୟାକରଣ

ଫଳକୁ ସଂଗ୍ରହ କରିବା ପରେ ପରେ ହିଁ ତାହାକୁ ପ୍ରକ୍ରିୟାକଣର କରିବା ଉଚିତ୍ । ଅର୍ଥାତ୍ ମଞ୍ଜି ଓ ଚ୍ଛେପାକୁ ଅଲଗା କରିବା ଉଚିତ୍ । ଏଥିଲାଗି ଫଳକୁ ଗରମ ପାଣିରେ ସିଝାଇଦେବା ଖୁବ୍ ଭଲ । ଏହା ଦ୍ୱାରା ଚ୍ଛେପା ଓ ମଞ୍ଜି ପରସ୍ପରଠାରୁ ସହଜରେ ଅଲଗା ହୋଇଯାଇପାରିବ । ଏହାପରେ ଉକ୍ତ ଫଳକୁ ହାତରେ ଭଲ ଭାବରେ ଘସି କରି ଧୋଇ ଦେଲେ ଫଳରେ ଥିବା ନାଲୁଆ ଅଂଶ ସବୁ ବାହାରିଯିବ ମଞ୍ଜିକୁ ଏହାପରେ ପାଲ କିମ୍ବା ବାଉଁଶ ତିଆରି କୁଲାରେ ପକାଇ ଖରାରେ ଶୁଖାଇବା ଉଚିତ୍ । ପତଳା କରି ଶୁଖାଇବା ଦ୍ୱାରା ମଞ୍ଜିଖୁବ୍ ଶୀଘ୍ର ଶୁଖିଯାଇଥାଏ । ମଞ୍ଜିକୁ ଭଲ ଖରାରେ ଅତିକମରେ ୨ ରୁ ୩ ଦିନ ପର୍ଯ୍ୟନ୍ତ ଶୁଖାଇବାକୁ ପଡ଼ିଥାଏ । ଭଲ ଖରା ହେଉନଥିଲେ ଘର ଅଗଣାରେ ପଙ୍ଖା ଦେଇ ଶୁଖାଇବାକୁ ପଡ଼ିଥାଏ । ମଞ୍ଜିକୁ ଅତି ଅଧିକ ପରିମାଣରେ ଶୁଖାଇବା ଉଚିତ୍ ନୁହେଁ ବରଂ ମଞ୍ଜିରେ ୯ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ଆର୍ଦ୍ରତା ରହିବା ଭଲ ଏବଂ ଏହାଦ୍ୱାରା ଅଧିକା ପରିମାଣର ତୈଳ ମିଳିପାରିଥାଏ । ମଞ୍ଜିକୁ ଗଦା କରି ରଖିବା ଉଚିତ୍ ନୁହେଁ । ଏହାଦ୍ୱାରା କଳା ରଙ୍ଗ ତଥା ଫିମ୍ପି ଲାଗିଯିବାର ଭୟ ଥାଏ ।

## ସଂରକ୍ଷଣ

ନିମ୍ବ ମଞ୍ଜିକୁ ବେଶିଦିନ ସାଇତି ରଖିବା ଭଲନୁହେଁ । କାରଣ ଏହାଦ୍ୱାରା ମଞ୍ଜିର ଆର୍ଦ୍ରତା କମିକମିଯାଏ ଏବଂ ତୈଳ ଅଂଶ ମଧ କମିଯାଇଥାଏ । ମଞ୍ଜି ଶୁଖିଗଲାପରେ ସେଥିରୁ ତାହାକୁ ଅଖାରେ ପୁରାଇ ରଖିବା ଭଲ ଏବଂ ବସ୍ତା ଯେପରି ମାଟିଠାରୁ କିଛି ଦୂରତାରେ ରହିବ ସେଥିପ୍ରତି ମଧ ଲକ୍ଷ ରଖିବା ଉଚିତ୍ । ଏପରିକଲେ ଫିମ୍ପି ଲାଗିବାର ସମ୍ଭାବନା ଆଉନଥାଏ ।

## ବଜାର

ନିମ୍ବ ମଞ୍ଜିର ବଜାର ଦର ପ୍ରାୟତଃ ସ୍ଥିରଥାଏ । ୨୦୦୧-୦୨ ମସିହାରେ ସାଧାରଣଭାବେ ନିମ୍ବ ମଞ୍ଜିର ଦର କିଲୋପ୍ରତି ୩ରୁ ୬ ଟଙ୍କାରେ ସୀମିତ ରହିଥିଲା । କିନ୍ତୁ ଅଧିକାଂଶ ରାଜ୍ୟମାନଙ୍କରେ ଦର ୫ ଟଙ୍କା ଥିଲା । ସେହିପରି ୨୦୦୩-୦୪ ମସିହାରେ ୨ରୁ ୪ଟଙ୍କା ଥିଲା । ତେବେ ନିମ୍ବ ତେଲର ମୂଲ୍ୟ ଲିଟର ପିଛା୨୫ ରୁ ୩୦ ଟଙ୍କା ରହିଛି ।

## ନିମ୍ବ ମଞ୍ଜି ଓ ତେଲର ବ୍ୟବହାର

ପୂର୍ବରୁ କୁହାଯାଇଛିଯେ ନିମ୍ବର ସମସ୍ତ ଅଂଶ ବ୍ୟବହାରରେ ଲାଗିଥାଏ । ତେବେ ଏଠାରେ ମଞ୍ଜି ଓ ତେଲ ବିଷୟରେ ଆଲୋଚନା କରିବା । ନିମ୍ବ ଫଳକୁ ସାଧାରଣତଃ ମୂତ୍ର ତଥା ଅର୍ଶ ଚିକିତ୍ସା ଲାଗି ବ୍ୟବହାର କରାଯାଇଥାଏ । ନିମ୍ବ ତେଲକୁ ଶସ୍ୟ କ୍ଷେତ୍ରରେ କୀଟନାଶକ ଦ୍ରବ୍ୟଭାବେ ବ୍ୟବହାର କରାଯାଇଥାଏ । ଦିର୍ଘସ୍ଥାୟୀ ଚର୍ମରୋଗ, ପାକସ୍ଥଳୀ ଘା ଲାଗି ତଥା ଅନ୍ୟାନ୍ୟ ଦନ୍ତ ରୋଗ ଓ ହାଡ଼ଫୁଟି ଆଦି ରୋଗରେ ମଧ ତେଲକୁ ବ୍ୟବହାର କରାଯାଇଥାଏ । ସେହିଭଳି ନିମ୍ବ ପିଡ଼ିଆରୁ ମଧ କୃଷିକ୍ଷେତ୍ରରେ ଖତ ଭାବେ ବ୍ୟବହାର କରାଯାଏ । ନିମ୍ବ ପିଡ଼ିଆ ପଡ଼ିବା ଦ୍ୱାରା ଫସଲକୁ ସହଜରେ କୀଟ ସଂକ୍ରମଣ କରିନଥାନ୍ତି ଏବଂ ଜୈବିକ ଖତ ଭାବେ ଏହା ଅଧିକ ଫସଲ ପ୍ରଦାନ କରିଥାଏ । ସେହିପରି ନିମ୍ବ ତେଲରୁ ଔଷଧୀୟ ସାବୁନ୍ ତଥା ପ୍ରସାଧନ ସାମଗ୍ରୀମାନ ପ୍ରସ୍ତୁତ ହୋଇଥାଏ । ତେଣୁ ନିମ୍ବ ମଞ୍ଜି ତଥା ତେଲର ଚ୍ଛହିଦା ବହୁତ ରହିଛି ।

## ଶେଷକଥା

ନିମ୍ବ ମଞ୍ଜି ଏକ ତୈଳଜାତ ଦ୍ରବ୍ୟ । ତେବେ ଆମ ରାଜ୍ୟରେ ଏହାର ସଂଗ୍ରହ ଯେପରି ହେବାକଥା ସେପରିମାଣ ରେ ହେଉନାହିଁ । ମାତ୍ର ଅଳ୍ପ କେତୋଟି ସ୍ଥାନରେ ଏହାର ସଂଗ୍ରହ କାରାଯାଉଛି । ତେଣୁ ଏହାର ସଂଗ୍ରହ ଓ ବିକ୍ରି କରାଗଲେ ବର୍ଷାଦିନରେ ଜଣେ ପ୍ରାଥମିକ ସଂଗ୍ରହକାରୀ ଶିଆଳୀ ପତ୍ରଭଳି ଏଥିରୁ ମଧ କିଛି ଦୁଇପଇସା ପାଇପାରିବେ ।

# ପାତାଳଗରୁଡ଼

ପ୍ରାଚୀନ କାଳରୁ ସର୍ପଦଂଶନର ଔଷଧ ରୂପେ ବ୍ୟବହୃତ ହେଉଥିବାରୁ ଏହାର ନାମକରଣ ପାତାଳଗରୁଡ଼ ହୋଇଥିବାର ଅନୁମାନ କରାଯାଏ; କିନ୍ତୁ ସଂସ୍କୃତରେ ଏହାର ଅର୍ଥହେଲା ଯେଉଁ ବସ୍ତୁ ସାପକୁ ଦୂରକୁ ତଡ଼ିଦିଏ କିମ୍ବା ସାପକୁ କ୍ଷତି ପହଞ୍ଚାଏ । ଏହାର ବୈଜ୍ଞାନିକ ନାମ ରାଓ୍ୱଲଫିଆ ସର୍ପେନ୍ଟିନା । ଷୋଡ଼ଶ ଶତାବ୍ଦୀର ଜଣେ ଉଦ୍ଭିଦ ବିଜ୍ଞାନୀ ତଥା ଚିକିତ୍ସକ ଲିଓନାର୍ଡ ରାଓ୍ୱଲିଆଙ୍କ ନାମଅନୁସାରେଏପରି ନାମକରଣ ହୋଇଥିବାର ଅନୁମାନ କରାଯାଏ । କିନ୍ତୁ ୧୯୫୨ ମସିହାରେ ସ୍ୱିଜରଲାଣ୍ଡର ବୈଜ୍ଞାନିକ ଶିଲର ଓ ମୁଲର ଏହି ଗଛରେ ରିସରପାଇନ୍ ନାମକ ଆଲକାଲଏଡ ଥିବାର ପ୍ରମାଣ ଦେଇଥିଲେ । ତେବେ ବୃକ୍ଷର ଔଷଧ ପ୍ରସ୍ତୁତିରେ ଅତିମାତ୍ରାରେ ବ୍ୟବହାର ହେବା ଯୋଗୁଁ ଏହି ବୃକ୍ଷ କ୍ରମେ ବିଲୁପ୍ତ ହେବାରେ ଲାଗିଲା । ଏଣୁ ଭାରତ ସରକାର ଏହାକୁ ଲୁପ୍ତପ୍ରାୟ ଶ୍ରେଣୀଭୁକ୍ତ କଲେ ଏବଂ ଏହାର ସଂଗ୍ରହ ଓ ରପ୍ତାନୀ ଉପରେ କଟକଣା ଜାରି କଲେ । ବର୍ତ୍ତମାନ ଏହାର ସଫଳ ଚାଷ ନିମନ୍ତେ ବିଭିନ୍ନ ସ୍ତରରେ ପଦକ୍ଷେପମାନ ନିଆଗଲାଣି । ବର୍ତ୍ତମାନ ପ୍ରାକୃତିକ ଜଙ୍ଗଲରୁ ପାତାଳଗରୁଡ଼ ସଂଗ୍ରହ କରିବା ଉପରେ କଟକଣା ରହିଛି । ପାତାଳଗରୁଡ଼ ଚେରର ରପ୍ତାନୀ ନିମନ୍ତେ ପ୍ରଭୂତ ଚାହିଦା ରହିଛି । କିନ୍ତୁ ଏହାକୁ ଚାଷ କରି ରପ୍ତାନୀ କରିବା ପାଇଁ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କଠାରୁ ଚାଷର ପ୍ରମାଣ ପତ୍ର ସଂଗ୍ରହ କରିବା ଆବଶ୍ୟକ ।

**ବୃକ୍ଷ ସମ୍ବନ୍ଧରେ**

ପାତାଳଗରୁଡ଼ ୨ରୁ ୪ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଗଛ । ଏହା ଦେଖିବାକୁ ସୁନ୍ଦର ହୋଇଥିବାରୁ ଅନେକ ଏହାକୁ ଘର ସଜାଇବା ନିମନ୍ତେ ଲଗାଇଥାଆନ୍ତି । ଗଛ ଦୁଇ ରୁ ତିନି ବର୍ଷର ହୋଇଥିଲେ ତାହାର ଚେର ୩୦ରୁ ୫୦ ସେ.ମି. ଲମ୍ବା ହୋଇଥାଏ । ଗଛ ଛଅ ମାସର ହୋଇଥିଲେ ଗଛରେ ହାଲକା ଗୋଲାପୀ ରଙ୍ଗର ଫୁଲ ଫୁଟିଥାଏ । ଏହା ପରେ ମଟର ଦାନା ପରି ଫଳ ହୋଇଥାଏ । ଫଳ କଞ୍ଚା ଥିବା ସମୟରେ ସବୁଜ ରଙ୍ଗ ହୋଇଥିବା ବେଳେ ପାଚିଗଲେ କଳା ଦେଖାଯାଏ । ଏହି ଫଳକୁ ଫଟାଇଲେ ଏଥିରେ ଗୁରମଞ୍ଜି ଦାନା ଭଳି ଛୋଟ ଧଳା ରଙ୍ଗର ମଞ୍ଜି ଦେଖାଯାଏ ।

ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ପୃଥିବୀରେ ବାର୍ଷିକ ପ୍ରାୟ ୨୦୦୦ ଟନ୍ ଶୁଖିଲା ପାତାଳଗରୁଡ଼ ଚେରର ଆବଶ୍ୟକତା ରହିଛି । ଆଲ୍‌କାଲଏଡ୍ ଓ ଏକସଟ୍ରାକ୍ଟ ବାହାର କରିବା ସକାଶେ ପ୍ରାୟ ୬୫୦ ଟନ୍ ପର୍ଯ୍ୟନ୍ତ ପାତାଳଗରୁଡ଼ ଚେର ଆବଶ୍ୟକ ହୋଇଥାଏ । କିନ୍ତୁ ଅଦ୍ୟାବଧି ସମସ୍ତ ଉତ୍ସରୁ ମାତ୍ର ୩୫୦ ଟନ୍ ପର୍ଯ୍ୟନ୍ତ ଚେର ମିଳିପାରୁଛି ।

"ଫାଉଣ୍ଡେସନ୍ ଫର୍ ରିଭାଇଟାଲାଇଜେସନ୍ ଅଫ୍ ଲୋକାଲ୍ ହେଲ୍‌ଥ ଟ୍ରାଡିସନସ୍" ତରଫରୁ ହୋଇଥବା ଏକ ସର୍ବେକ୍ଷଣରେ ଭାରତର ପ୍ରମୁଖ ୨୦ଟି ଔଷଧୀୟ ବୃକ୍ଷ ମଧ୍ୟରେ ପାତାଳଗରୁଡ଼ ସ୍ଥାନ ପାଇଛି । ଏପରି ସ୍ଥଳେ ଚାଷ କରାଯାଇ ଏହି ଔଷଧୀୟ ଦ୍ରବ୍ୟର ଚାହିଦା ମେଣ୍ଟାଇବା ବେଶ ଲାଭଜନକ ହୋଇପାରିବ ।

**ଚାଷ ପ୍ରଣାଳୀ**

ପାତାଳଗରୁଡ଼ର ଚାଷ ମୁଖ୍ୟତଃ ଏହାର ଚେର ପାଇବା ଲାଗିହିଁ କରାଯାଇଥାଏ । ତେଣୁ ଏହାର ଚାଷଲାଗି ଅଧିକ ପରିମାଣର ଯତ୍ନ ନେବାକୁ ପଡ଼ିଥାଏ । ବର୍ଷାଧିକ କାଳ ଜମିରେ ରହିଲେ ଭଲ ଉତ୍ପାଦନ ହୋଇଥାଏ । କେତେକ ସ୍ଥାନରେ ୨ ବର୍ଷରେ ଅମଳ କରାଯାଉଥିବା ସ୍ଥଳେ ଅନ୍ୟ କେତେକ ସ୍ଥାନରେ ଏହାକୁ ୩ ରୁ ୪ ବର୍ଷ ପରେ ଅମଳ କରାଯାଇଥାଏ । ଏଣୁ ବିଭିନ୍ନ ସ୍ଥାନରେ ଏହାର ଉତ୍ପାଦନ ମଧ୍ୟ ଭିନ୍ନ ହୋଇଥାଏ ।

**ଅମଳର ସମୟସୀମା ଓ ତଥ୍ୟ**

ପାତାଳଗରୁଡ଼କୁ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜମିରେ ରଖି ମଧ୍ୟ ଅମଳ କରାଯାଇପାରେ । କିନ୍ତୁ ଇନ୍ଦୋରରେ ହୋଇଥିବା ଏକ ପରୀକ୍ଷାରୁ ଜଣାଯାଇଛି ଯେ, ୧୮ ମାସର ଗଛର ଚେରରେ ୧.୬୪ ରୁ ୨.୯୪ ପ୍ରତିଶତ ଆଲ୍‌କାଲଏଡ୍ ମହଜୁଦ୍ ଥାଏ । ଏଣୁ ଗଛ ୧୮ ମାସର ହେଲେ ଏହାକୁ ଉପାଡ଼ି ଦିଆଯିବା ଉଚିତ । ଯଦିଓ ଗଛ ବେଶି ଦିନ ଜମିରେ ରହିଲେ ଏହାର ଉତ୍ପାଦନ ବୃଦ୍ଧିପାଏ କିନ୍ତୁ ସର୍ବାଧିକ ୩୦ ମାସ ଅର୍ଥାତ୍ ଅଢ଼େଇ ବର୍ଷ ପରେ ଅମଳ କଲେ ଉତ୍ପାଦନ ଓ ଆଲ୍‌କାଲଏଡ୍‌ର ମାତ୍ରା ଦୃଷ୍ଟିରୁ ଏହା ସବୁଠାରୁ ବେଶି ହୋଇଥାଏ ।

**ଜଳବାୟୁ**

ଆମ ଦେଶ ତଥା ରାଜ୍ୟର ଜଳବାୟୁ ପାତାଳଗରୁଡ଼ ଚାଷ ନିମନ୍ତେ ଉପଯୁକ୍ତ ଅଟେ । ଖୋଲା ଜମିରେ ଏହା ଭଲ ବଢ଼େ ଏବଂ ଆଂଶିକ ଛାଇ ଥିବା ଜମି ମଧ୍ୟ ଏହାର ବଢ଼ିବାରେ କୌଣସି ବାଧା ସୃଷ୍ଟିକରେ ନାହିଁ । ତେବେ ପାଣି ଜମି ରହୁଥିବା ଜମି ଚାଷ ନିମନ୍ତେ ଅନୁକୂଳ ନୁହେଁ । କିନ୍ତୁ ୨/୩ ଦିନ ପର୍ଯ୍ୟନ୍ତ ପାଣି ଜମି ରହିଲେ ଏହି ଗଛ ସହିବାର କ୍ଷମତା ରଖିଥାଏ । ବର୍ଷକୁ ୨୫୦ରୁ ୫୦୦ ସେ.ମି. ବର୍ଷା ହେଉଥିବା ଅଞ୍ଚଳରେ ଏହା ଭଲ ବଢ଼ିପାରିଥାଏ ।

**ମାଟି**

ପାତାଳଗରୁଡ଼ର ମୂଳ ମାଟିରେ ୫୦ ସେଣ୍ଟିମିଟର ଗଭୀର ପର୍ଯ୍ୟନ୍ତ ଯାଇଥାଏ, ଏଣୁ ଏହାର ଚେରର ଅଭିବୃଦ୍ଧି ନିମନ୍ତେ ମାଟି ହାଲକା ହେବା ଦରକାର । ଏହି ଦୃଷ୍ଟିରୁ ୪ ରୁ ୬.୫ ଅମ୍ଳଯୁକ୍ତ ବାଲିଆ ଦୋରସା ତଥା କୃଷ୍ଣ କାର୍ପାସ ମୃତ୍ତିକା ଏହାର ଚାଷ ନିମନ୍ତେ ଉପଯୋଗୀ ଅଟେ । ପର୍ଯ୍ୟାପ୍ତ ଜୀବାଶ୍ମ ଥିବା ମାଟିରେ ଏହାର ଚେର ମୋଟା ହୋଇଥାଏ ।

### ପ୍ରଜାତି
ଜବାହରଲାଲ୍ ନେହେରୁ କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ପାତାଳଗରୁଡ଼ର ଏକ ଉନ୍ନତ ପ୍ରଜାତି ବିକଶିତ କରାଯାଇଛି ଯାହାର ନାମ ଆର୍.ଏସ୍-୧ ରଖାଯାଇଅଛି । ଏହି ପ୍ରଜାତିରେ ୭ ମାସର ଗଛରୁ ୫୦ରୁ ୬୦ ପ୍ରତିଶତ ଉତ୍ପାଦନ ମିଳିଥାଏ ଏବଂ ଏହି ପ୍ରଜାତି କ୍ଷେତ୍ରରେ ୧ ଏକର ଜମିରୁ ୧୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଶୁଖିଲା ଚେର ମିଳିଥାଏ । ଏହି ପ୍ରଜାତିର ୧୮ ମାସର ଚେରରେ ୧.୬୪ ରୁ ୨.୯୪ ପ୍ରତିଶତ ଆଲ୍‌କାଲଏଡ୍ ଥିବାର ପ୍ରମାଣ ମିଳିଛି ।

### ଗଛ ଉତ୍ତାରିବା ପ୍ରଣାଳୀ
ମୁଖ୍ୟତଃ ତିନିପ୍ରକାର ଉପାୟରେ ପାତାଳଗରୁଡ଼ ଚାଷ କରାଯାଇଥାଏ ଯଥା- କଲମୀ, ଚେର ଓ ମଞ୍ଜି ସାହାଯ୍ୟରେ ।

### କଲମୀକରଣ
ଏହି ପ୍ରକ୍ରିୟାରେ ଗଛରୁ ୬ରୁ ୯ ଇଞ୍ଚ ଲମ୍ବର ଏକ ଡାଳ କାଟି ଦିଆଯାଏ, ଯେଉଁଥିରେ ଅନ୍ୟୁନ ୩ଟି ଗଣ୍ଠି ରହିଥିବା ଦରକାର । ଏଥିପାଇଁ ନରମ କାଠ ଥିବା ଡାଳ ଅପେକ୍ଷା କଠିନ କାଠ ଥିବା ଡାଳ ବିଶେଷ ଉପଯୋଗୀ । ଏହି ଡାଳକୁ ୩୦ ପି.ପି.ଏମ୍ ବିଶିଷ୍ଟ ଏଣ୍ଡୋଲ ଏସିଡଟିକ୍ ଏସିଡ୍‌ରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖିବାକୁ ହୋଇଥାଏ । ଏହିପରି ଉପାୟରେ ମଇ ଓ ଜୁନ୍ ମାସରେ ଡାଳ ସବୁକୁ ନର୍ସରୀରେ ଲଗାଇ ଦିଆଯାଇଥାଏ । ଏଥିରେ ପଟାଳିର ଆର୍ଦ୍ରତା ରକ୍ଷାକୁ ଗୁରୁତ୍ୱ ଦିଆଯାଇଥାଏ । ଏଥିରୁ ୩/୪ ଦିନ ମଧ୍ୟରେ ଗଛ ବାହାରେ, କିନ୍ତୁ ୭୦ରୁ ୭୫ ଦିନରେ ଯାଇ ଏହାକୁ ଜମିରେ ରୋଇବା କରିବା ଯୋଗ୍ୟ ହୋଇଥାଏ ।

### ମୂଳ ଲଗାଇବା ପ୍ରଣାଳୀ
ଏହି ପ୍ରଣାଳୀ ପୂର୍ବ ବର୍ଣ୍ଣିତ ପ୍ରଣାଳୀ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ । ଏହି ପ୍ରଣାଳୀରେ ୧ରୁ ୨ ଇଞ୍ଚ ଲମ୍ବର ଚେରକୁ ମାଟି ଓ ଖତ ଭର୍ତ୍ତି ପଲିଥିନ୍ ଥଳିରେ ପୁରାଇ ନର୍ସରୀରେ ରଖି ଦିଆଯାଏ । ଚେରକୁ ପଲିଥିନ ଥଳିରେ ଏଭଳିଭାବେ ରଖାଯିବା ଉଚିତ୍ ଯେପରିକି ଚେରଟି କେବଳ ୧ ସେଣ୍ଟିମିଟର ଉପରକୁ ଦେଖାଯିବ । ଏହି ପ୍ରକାର ଲଗାଯାଇଥିବା ଚେରରୁ ୫୦ ପ୍ରତିଶତ ଏକମାସ ମଧ୍ୟରେ ଅଙ୍କୁରୋଦ୍‌ଗମ ହୋଇଥାଏ । ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଏହି ପ୍ରକାରର ଲଗାଯାଇଥିବା ଚେରରୁ ୫୦ରୁ ୮୦ ପ୍ରତିଶତ ଯାଏ ଉତ୍ପାଦନ ହୋଇଥାଏ । ଏକ ଏକର ଜମିରେ ଚାଷ ନିମନ୍ତେ ପ୍ରାୟ ୪୦ କି.ଗ୍ରା. ଚେର ଆବଶ୍ୟକ ହୋଇଥାଏ ।

### ମଞ୍ଜି ଦ୍ୱାରା
ବ୍ୟାବସାୟିକ ଭିତ୍ତିରେ ଚାଷ ନିମନ୍ତେ ମଞ୍ଜି ବୁଣି ପାତାଳଗରୁଡ଼ ଲଗାଇବା ସର୍ବୋତ୍କୃଷ୍ଟ ଉପାୟ । ତେବେ ମଞ୍ଜି ଦ୍ୱାରା ଆମଦାନୀ (୧୦ରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ) କମ୍ ହୋଇଥାଏ ଏବଂ ପୁରୁଣା ମଞ୍ଜି ହୋଇଥିଲେ ଉତ୍ପାଦନ ଆହୁରି କମିଯାଇଥାଏ । ଏଣୁ ୬ ମାସରୁ ଅଧିକ ପୁରୁଣା ମଞ୍ଜି ବ୍ୟବହାର କରିବା ଅନୁଚିତ ମଞ୍ଜିକୁ ଗଛ ଉତ୍ତାରିବା ସକାଶେ ଅତି କମ୍‌ରେ ୯ ଇଞ୍ଚରୁ ୧ ଫୁଟ ଉଚ୍ଚତା ବିଶିଷ୍ଟ ପଟାଳି ପ୍ରସ୍ତୁତ କରିବାକୁ ହୁଏ । ମଞ୍ଜି ଉପରୁ କଳା ରଙ୍ଗର ଚୋପାକୁ ଛଡ଼ାଇ ଦେଲାପରେ ଏହାକୁ ଗୋଟିଏ ରାତି ପାଣିରେ ଭିଜାଇ ରଖିବାକୁ ହୋଇଥାଏ । ଯେଉଁ ମଞ୍ଜିଗୁଡ଼ିକ ପାଣି ଉପରେ ଭାସିବ, ସେଗୁଡ଼ିକୁ ବାହାର କରି ଫୋପାଡ଼ି ଦିଆଯିବା ଆବଶ୍ୟକ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜିକୁ ୩ ଗ୍ରାମ ଥିରମ୍‌ରେ ମିଶାଇ ଦେବା ଦ୍ୱାରା ଭଲ ଫଳ ମିଳେ । ଏକ ଏକର ଜମି ଚାଷ ନିମନ୍ତେ ୫୦୦ ବର୍ଗ ଫୁଟର ପଟାଳି ତିଆରି କରାଯିବା ଆବଶ୍ୟକ । ନର୍ସରୀ ବ୍ୟତୀତ ପଲିଥିନ୍‌ରେ ମଧ୍ୟ ମଞ୍ଜିକୁ ପକାଇ ଚାରା ପ୍ରସ୍ତୁତ କରାଯାଇପାରେ । ଏଥିନିମନ୍ତେ ମାଟିରେ ଆର୍ଦ୍ରତା ରକ୍ଷା କରାଯିବା ନିତାନ୍ତ ଗୁରୁତ୍ୱପୂର୍ଣ୍ଣ । ନର୍ସରୀ ନିମନ୍ତେ ଅପ୍ରେଲ୍ ଓ ମଇ ମାସ ସବୁଠାରୁ ଉପଯୁକ୍ତ ସମୟ । ଏକ ଏକର ଜମି ନିମନ୍ତେ ୨ରୁ ୩ କି.ଗ୍ରା. ମଞ୍ଜି ଆବଶ୍ୟକ ହୋଇଥାଏ । ୨୦ ଦିନପରେ ମଞ୍ଜିରୁ ଗଛ ହେବା ଆରମ୍ଭ ହୁଏ । ଏହି ପ୍ରକ୍ରିୟା ୫୦ ଦିନ ପର୍ଯ୍ୟନ୍ତ ଚାଲୁରହେ । ନର୍ସରୀରେ ଉଠିଥିବା ଚାରାଗଛରେ ୪ରୁ ୬ ଟି ପର୍ଯ୍ୟନ୍ତ ପତ୍ର ହୋଇଗଲେ ଏହାକୁ ଓପାଡ଼ି ମୁଖ୍ୟ ଜମିରେ ଲଗାଇ ଦିଆଯାଏ । ତେବେ ଲଗାଇବା ପୂର୍ବରୁ ଏହି ଗଛଗୁଡ଼ିକୁ ଗୋମୂତ୍ରରେ ବୁଡ଼ାଇ ବିଶୋଧନ ଲାଭଜନକ ହୋଇଥାଏ ।

### ଜମି ପ୍ରସ୍ତୁତି
ଯେହେତୁ ପାତାଳଗରୁଡ଼ ୨ ବର୍ଷ ପର୍ଯ୍ୟନ୍ତ ଜମିରେ ରହେ, ଏଣୁ ଜମିର ପ୍ରାଥମିକ ପ୍ରସ୍ତୁତି ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ । ଜମିକୁ ପ୍ରଥମେ ଦୁଇଥର ଗଭୀର ଚାଷ କରିବାକୁ ହୋଇଥାଏ । ଏହାପରେ ମାଟିରେ ୮ରୁ ୧୦ ଟ୍ରଲି ଗୋବର କିମ୍ବା କମ୍ପୋଷ୍ଟ ଖତ ମିଶାଯାଇଥାଏ । ଜମିରେ ୪୫ x ୪୫ ସେ.ମି. ଦୂରତାରେ ୧୫ ସେ.ମି. ଗଭୀରର କୁଣ୍ଡମାନ ରଖାଯାଇଥାଏ । ବେଳେବେଳେ ବିନା କୁଣ୍ଡରେ ମଧ୍ୟ ସିଧାସଳଖ ଯାଏ ରୋପଣ କରାଯାଇଥାଏ । ଏହି ପ୍ରକ୍ରିୟାରେ ୩୦ x ୩୦ ସେ.ମି. ଦୂରତାରେ ପ୍ରାୟ ୬ ଇଞ୍ଚ ଗଭୀର ଗାତ ଖୋଳାଯାଇ ଗଛ ଲଗାଯାଇଥାଏ । ଗଛ ଲଗାଇବା ସଙ୍ଗେ ସଙ୍ଗେ ଗଛରେ ପାଣି ମଡ଼ାଯିବା ଆବଶ୍ୟକ ହୋଇଥାଏ ।

### ଜଳସେଚନ
ପାତାଳଗରୁଡ଼ ଏକ ଲମ୍ବା ଅବଧିର ଫସଲ ହୋଇଥିବାରୁ ଭଲ ବଢ଼ିବା ପାଇଁ ଜଳସେଚନର ବ୍ୟବସ୍ଥା କରାଯିବା ନିତାନ୍ତ ଜରୁରୀ । କିନ୍ତୁ ପାଣି ମଧ୍ୟ ସବୁବେଳେ ଦେବା ଉଚିତ୍ ନୁହେଁ, କାରଣ ଏହାଦ୍ୱାରା ପାଣି ସନ୍ଧାନରେ ଚେର ଆଉ ମାଟି ଭିତରକୁ ଯାଇପାରେ ନାହିଁ । ଏଣୁ ଗଛ ଯେତେବେଳେ ପାଣି ନିତାନ୍ତ ଆବଶ୍ୟକ କରିବ (ଝାଉଁଳିବା ଅବସ୍ଥାରେ) ସେତେବେଳେ ଯାଇ ଜଳସେଚନ କରିବା ଆବଶ୍ୟକ ।

### ଘାସ ଓ ଅନାବନା ଗଛ ବାଛିବା
ଘାସ ଓ ଅନାବନା ଗଛ ନିୟମିତ ଭାବେ ଜମିରୁ ବାଛିଦେବା ଦରକାର, କାରଣ ଏହା ଗଛର ଅଭିବୃଦ୍ଧିରେ ସହାୟକ ହୋଇଥାଏ ।

### ପାତାଳଗରୁଡ଼ ସହ ଅନ୍ତଃଫସଲ
ପାତାଳଗରୁଡ଼କୁ ଯେପରି ଅନ୍ୟ ଫସଲର ଅନ୍ତଃ ଫସଲ ଭାବେ ଚାଷ କରାଯାଇପାରେ, ସେହିଭଳି ପାତାଳଗରୁଡ଼ ଚାଷରେ ମଧ୍ୟ ଅନ୍ୟ ଔଷଧୀୟ ପାଦପ ଓ ଅନ୍ୟ ଫସଲକୁ ଅନ୍ତଃଚାଷ

ଭାବେ କରାଯାଇପାରେ । ପାତାଳଗରୁଡ଼ ସହିତ ସୋୟାବିନ୍ ଭଳି କମ୍ ମାଡୁଥିବା ପ୍ରଜାତିର ଚାଷ ବହୁତ ସଫଳ ହୋଇଛି । ଏହା ସହିତ ଅଁଳା ଓ ବାଇ ବିଡ଼ଙ୍ଗ ଭଳି ବହୁବର୍ଷୀୟ ଫସଲ ଏବଂ ସଫେଦମୂଷଳୀ, ଭୂଇଁନିମ୍ବ ଓ ଭୂଇଁଅଁଳା ଭଳି କମ୍ ସମୟରେ ଉତ୍ପାଦିତ ହୋଇପାରୁଥିବା ଫସଲ ମଧ୍ୟ ଚାଷ କରାଯାଇପାରେ ।

### ରୋଗ

ପାତାଳଗରୁଡ଼ର ଚେରରେ କୃମି ବିକଶିତ ହେଲେ ଏହାର ଚେର ନଷ୍ଟ ହୋଇଥାଏ । ଗଛର ପତ୍ରରେ ସଁବାଳୁଆ ଜାତୀୟ ପୋକ ଲାଗି ପତ୍ରକୁ ଖାଇଯାଆନ୍ତି । ସେହିପରି ସରିକୋସ୍ପୋରା-ରାଓଲଫାଇ ନାମକ କୀଟ ଦ୍ୱାରା ପତ୍ରରେ ଏକ ପ୍ରକାର ଚିହ୍ନ ହୋଇଯାଏ । ବିଭିନ୍ନ ଜୈବ କୀଟନାଶକ ଯେଉଁଳି ନିମ୍ବର ଚୋପା, ଗୋମୂତ୍ର ଆଦି ଛିଞ୍ଚି ଫସଲର ସୁରକ୍ଷା କରାଯାଇଥାଏ ।

### ଫସଲ ବୃଦ୍ଧି ଓ ପରିପକ୍ୱତା

ଚାରା ଲଗାଇବାର ୬ମାସ ମଧ୍ୟରେ ପାତାଳଗରୁଡ଼ ଗଛରେ ଫୁଲ ଫୁଟିବା ଆରମ୍ଭ ହୋଇଥାଏ । ଏହା ପରେ ଗଛରେ ଫଳ ଧରେ । କିନ୍ତୁ ଫସଲର ପ୍ରାରମ୍ଭିକ ଅବସ୍ଥାରେ ଯଦି ଫଳ ଧରିବାକୁ ଦିଆଯାଏ । ତେବେ ଏହା ମାଟିରେ ଥିବା ସମସ୍ତ ଖାଦ୍ୟ ସଂଗ୍ରହ କରିନିଏ ଏବଂ ଚେର ବିଶେଷ ଖାଦ୍ୟ ପାଏନାହିଁ । ଏଣୁ ଗଛରେ ଧରିଥିବା ଫୁଲକୁ ନଖ ଦ୍ୱାରା ଛିଡ଼ାଇ ଦିଆଯିବା ଉଚିତ । ଏହି ପ୍ରକ୍ରିୟା ଗଛ ଓପାଡ଼ିବା ପର୍ଯ୍ୟନ୍ତ ଜାରି ରଖିବା ଉଚିତ୍ । ପୂର୍ବ ବର୍ଣ୍ଣନାନୁସାରେ ୧୮ ମାସ ପରେ ଏହାର ଚେରରେ ଆଲକାଲଏଡ୍ର ପରିମାଣ ପର୍ଯ୍ୟାପ୍ତ ଭାବରେ ଥାଏ । ଯଦିଓ ୩ରୁ ୪ ବର୍ଷର ଗଛରେ ଚେର ଅମଳ ବୃଦ୍ଧି ପାଇଥାଏ, କିନ୍ତୁ ଅମଳର ସର୍ବାଧିକ ଅବଧି ୩୦ ମାସ ହେବା ଉଚିତ । ଯେତେବେଳେ ଡିସେମ୍ବର ଓ ଜାନୁଆରୀ ମାସରେ ଗଛ ପତ୍ରଝଡ଼ା ଦିଏ, ସେତେବେଳେ ଚେରକୁ ଅମଳ କରିଦେବା ଉଚିତ । କାରଣ ଏହି ଦୁଇ ମାସରେ ଚେରରେ ଆଲକାଲଏଡ୍ର ମାତ୍ରା ଅଧିକ ଥାଏ । ଚେର ଓପାଡ଼ିବା ସମୟରେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ । କାରଣ ଏହାର ମୂଳର ଛାଲରେ ସର୍ବାଧିକ ମାତ୍ରାରେ ଆଲକାଲଏଡ୍ ଥାଏ ଏଣୁ ମୂଳ ଓପାଡ଼ିବା ସମୟରେ ଏପରି ସାବଧାନତା ଅବଲମ୍ବନ କରିବାକୁ ପଡ଼େ ଯେପରିକି ଏହାର ଛାଲ କ୍ଷତିଗ୍ରସ୍ତ ନହୁଏ । ଓପାଡ଼ିବା ପୂର୍ବରୁ ଜମିରେ ଅଳ୍ପ ପାଣି ମଡ଼ାଇଦେଲେ ଚେର ଛିଡ଼ିଯିବାର ଭୟ ରହେନାହିଁ । ଓପାଡ଼ିବା ପରେ ଚେରରେ ଲାଗିଥିବା ମାଟିକୁ ସାବଧାନତା ସହକାରେ ସଫା କରିବା ପରେ ଚେର ସବୁକୁ ଭଲଭାବରେ ଶୁଖାଇବା ଦରକାର । ଶୁଖିବା ପରେ ଏହି ଚେର ସବୁରେ ୮ ପ୍ରତିଶତରୁ ଅଧିକ ଆର୍ଦ୍ରତା ରହିବା ଉଚିତ ନୁହେଁ । ଚେର ଏଭଳି ଶୁଖିବା ଆବଶ୍ୟକ ଯେପରିକି ଭାଙ୍ଗିଲେ ଏହା ଶବ୍ଦ କରି ଭାଙ୍ଗିବ ।

### ଆୟ ବ୍ୟୟର ତାଲିକା

**ବ୍ୟୟ (ହେକ୍ଟର ପ୍ରତି, ୩୦ ମାସର ଅମଳ ଲାଗି)**

| | | | | |
|---|---|---|---|---|
| କ) | ଜମି ପ୍ରସ୍ତୁତି | : | ଟ | ୬,୦୦୦/-- |
| ଖ) | ଖତ ଏବଂ କୀଟନାଶକ | : | ଟ | ୧୦,୦୦୦/-- |
| ଗ) | ମଞ୍ଜି-୮କି.ଗ୍ରା (୨୫୦୦ ଟଙ୍କା ଦରରେ) | : | ଟ | ୨୦,୦୦୦/-- |
| ଘ) | ନର୍ସରୀ ପ୍ରସ୍ତୁତି | : | ଟ | ୧,୦୦୦/-- |
| ଙ) | ଗଛ ଲଗାଇବା (ରୋଇବା) | : | ଟ | ୨,୫୦୦/- |
| ଚ) | ବଛା, କୋଡ଼ା ଖୁସା | : | ଟ | ୫,୦୦୦/-- |
| ଛ) | ମଞ୍ଜି ବାଛିବା | : | ଟ | ୨,୦୦୦/-- |
| ଜ) | ଜଳସେଚନ | : | ଟ | ୩,୦୦୦/-- |
| ଝ) | ଜଗାରଖା | : | ଟ | ୨,୦୦୦/-- |
| ଞ) | ଟେସଲ ଅମଳ ଓ ଶୁଖାଇବା | : | ଟ | ୫,୦୦୦/- |
| ଟ) | ପ୍ୟାକିଂ ଓ ପରିବହନ | : | ଟ | ୨,୦୦୦/-- |
| କ) | ଶୁଖିଲା ଚେର ବିକ୍ରୀ -୨୦ କ୍ୱିଣ୍ଟାଲ (୭୦୦୦ ଟଙ୍କା ଦରରେ) | : | ଟ | ୧,୪୦,୦୦୦/-- |
| ଖ) | ମଞ୍ଜି ବିକ୍ରୀରୁ ଆୟ-୨୦ କି.ଗ୍ରା. (୨୫୦୦ ଟଙ୍କା ଦରରେ) | : | ଟ | ୫୦,୦୦୦/-- |
| | **ମୋଟ ଆୟ** | **:** | **ଟ** | **୧,୯୦,୦୦୦/-** |

**ନିଟ୍ ଲାଭ : ଟ୧,୯୦,୦୦୦-୫୮,୫୦୦= ୧,୩୧,୫୦୦/-**

### ପାତାଳଗରୁଡ଼ ଚାଷରୁ ଆୟ

ବିଭିନ୍ନ ଉପାୟରେ ଲଗାଯାଇଥିବା ପାତାଳଗରୁଡ଼ରୁ ମିଳୁଥିବା ଚେରର ପରିମାଣ ଅଲଗା ହୋଇଥାଏ । ମଞ୍ଜିରୁ ଉତରାଯାଇଥିବା ଗଛରୁ ଅନ୍ୟ ଦୁଇ ପ୍ରଣାଳୀ ଯଥା ଡାଳକଲମୀ ବା ଚେର କଲମୀ ଅପେକ୍ଷା ଅଧିକ ଅମଳ ମିଳିଥାଏ । ମଞ୍ଜି ବୁଣିବା ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ହାରାହାରି ୩୦ ରୁ ୩୫ କ୍ୱିଣ୍ଟାଲ ଚେର ଉତ୍ପାଦିତ ହେଉଥିବା ବେଳେ ଡାଳଦ୍ୱାରା ଲଗାଯାଇଥିବା ଫସଲରୁ ହେକ୍ଟର ପ୍ରତି ୧୭.୫ କ୍ୱିଣ୍ଟାଲ ଏବଂ ଚେରଦ୍ୱାରା ଲଗାଯାଇଥିବା ଗଛରୁ ହେକ୍ଟର ପିଛା ହାରାହାରି ୩.୫ କ୍ୱିଣ୍ଟାଲ ଚେର ଉତ୍ପାଦନ ହୋଇଥାଏ । ଏଣୁ ମଞ୍ଜିରୁ ଚାରା ଉତାରିବା ପ୍ରଣାଳୀରେ ଚାଷଟି ଲାଭଜନକ ହୋଇଥାଏ । ପରୀକ୍ଷା ଦ୍ୱାରା ଏହା ଜଣାଯାଇଛି ଯେ ଦୁଇବର୍ଷରେ ହେକ୍ଟର ପିଛା ୨୨ କ୍ୱିଣ୍ଟାଲ ଶୁଖିଲା ଚେର ମିଳୁଥିବା ବେଳେ ତିନିବର୍ଷରେ ଏହା ୩୩ କ୍ୱିଣ୍ଟାଲକୁ ବୃଦ୍ଧିପାଇଥାଏ । ଏହି ଅନୁସାରେ ୩୦ ମାସ ବା ଅଢ଼େଇ ବର୍ଷରେ ଅମଳ ହେଉଥିବା ଫସଲରେ ହାରାହାରି ୨୫ କ୍ୱିଣ୍ଟାଲ ଶୁଖିଲା ଚେର ଆମଦାନୀ ହୋଇଥାଏ ।

### ଶେଷକଥା

ପାତାଳଗରୁଡ଼ ଏକ ମୂଲ୍ୟବାନ ଔଷଧୀୟ ବୃକ୍ଷ ଏଥିରେ ଦ୍ୱିମତ ନାହିଁ । ଅତି ମାତ୍ରାରେ ଔଷଧୀୟ ବ୍ୟବହାର କାରଣରୁ ଏହା କ୍ରମେ ଦୁର୍ଲ୍ଲଭ ହେବାରେ ଲାଗିଛି । ତେଣୁ ଚାଷୀମାନେ ଏହି ମୂଲ୍ୟବାନ ଔଷଧୀୟ ବୃକ୍ଷକୁ ବିଲୁପ୍ତ ହେବାକୁ ନଦେଇ ଏହାର ଚାଷକରି ନିଜର ଆର୍ଥିକ ଉନ୍ନତି କରିବା ସହିତ ଦେଶକୁ ଔଷଧି ପ୍ରଦାନ କରିବେ ବୋଲି ଆଶା କରାଯାଇପାରେ ।

✧

# ରାସ୍ନା

ଆମର ପରିବେଶ ଚାରିପାଖରେ ଅନେକ ଗୁଡ଼ିଏ ଔଷଧୀୟ ବୃକ୍ଷ ଅଛି । ତନ୍ମଧ୍ୟରୁ କେତେକ ବୃକ୍ଷକୁ ଆମେ ଜାଣୁ ଓ ଚିହ୍ନିପାରି ତାହାର ଔଷଧୀୟ ବ୍ୟବହାର କରିପାରିଥାଉ । ସେହି ଭଳି ଆଉ ଅନେକ କୁ ଚିହ୍ନି ନପାରି ତାହାକୁ ବଣୁଆ ଗଛ କି ଲତା ବୋଲି କହିଥାଉ । ପାହାଡ଼ିଆ ତଥା ଜଙ୍ଗଲି ପରିବେଶରେ ଗୋଟିଏ ବୁଦା ଜାତୀୟ କ୍ଷୁଦ୍ର ଉଦ୍ଭିଦ ବଡ଼ବଡ଼ ଗଛ ଗୁଡ଼ିକରେ ଲାଖିଥିବା ଆମେ ଦେଖିବାକୁ ପାଇଥାଉ । ଏହାର ନାମ ରାସ୍ନା । ଏହି ଗଛକୁ ଅନେକ ପରଭୋଜୀ ବୋଲି କହିଥାନ୍ତି । ତେବେ ପ୍ରକୃତରେ ଏହା ନିଜର ଖାଦ୍ୟ ନିଜେ ପ୍ରସ୍ତୁତ କରିଥାଏ । ଏହି ଜଙ୍ଗଲି ଉଦ୍ଭିଦ ରାସ୍ନାର ୩ଟି ଭାଗରେ ବିଭକ୍ତ କରାଯାଇଛି । ଆମ ଦେଶରେ ତାହା ମଧ୍ୟରୁ ୩ଟି ପ୍ରଜାତୀ ଦେଖିବାକୁ ମିଳିଥାଏ ରାସ୍ନା ଗଛର ମୂଳକୁ ସାଧାରଣତଃ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ଏହାବାଦ୍ ତଟକା ବା ରାସ୍ନାର ତୁରନ୍ତ ବ୍ୟବହାର କ୍ଷେତ୍ରରେ ପତ୍ର ଓ ଫୁଲକୁ ବ୍ୟବହାର କରାଯାଇଥାଏ । ତେବେ ଦେଖିବାକୁ ଗଲେ ଏହାର ସମ୍ପୂର୍ଣ୍ଣ ପଞ୍ଚାଙ୍ଗ ଔଷଧ ପ୍ରସ୍ତୁତିରେ ଲାଗିଥାଏ । ଏହାର ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି । ତନ୍ମଧ୍ୟରୁ କେତେକକୁ ନିମ୍ନରେ ପ୍ରଦାନ କରାଗଲା ।

- ରାସ୍ନା ଏବଂ ଶୁଣ୍ଠିକୁ ସମାନ ଭାବରେ ଚୂର୍ଣ୍ଣ କରିବା ପରେ ତାହାକୁ ୧ ଚାମଚକରି ଅଳ୍ପ ଉଷୁମ ଜଳ ସହିତ ସେବନ କଲେ କିଛି ଦିନ ମଧ୍ୟରେ ଝାଡ଼ା ସମ୍ବନ୍ଧୀୟ ରୋଗ ଭଲ ହୋଇଥାଏ । ତେବେ ଏହାକୁ ମୁଖ୍ୟତଃ ଝାଡ଼ା ପରିଷ୍କାର କରିବା ଲାଗି ବ୍ୟବହାର କରାଯାଇଥାଏ । ଏହି ରୋଗ ପାଇଁ ରାସ୍ନା ମୂଳ ସହିତ ତାହାର ପତ୍ର ମଧ୍ୟ ବ୍ୟବହାର କରାଯାଇପାରେ । ଏହା ସହିତ ପତ୍ରର କ୍ୱାଥ ସହିତ ଶୁଣ୍ଠି ଚୂର୍ଣ୍ଣ ଖାଇଲେ ମଧ୍ୟ ଉପକାର ମିଳିଥାଏ ।
- ରାସ୍ନା ଓ ସୈନ୍ଧବ ଲବଣକୁ ସମାନ ଭାବରେ ଚୂର୍ଣ୍ଣ କରି ସେହି ଚୂର୍ଣ୍ଣକୁ ୨/୩ ଚାମଚ ଲେଖା ସେବନ କରି କିଛି ସମୟପରେ ଉଷୁମ ଜଳ ସେବନ କରିବା ଦ୍ୱାରା ପେଟର ଦରଜ,ଅଗ୍ନିମାନ୍ଦ୍ୟ ଆଦି ସହଜରେ ଦୂର ହୋଇଥାଏ ଏବଂ ଏହା ସହିତ ଭୋକ ମଧ୍ୟ ଅଧିକ ବଢ଼ିଥାଏ ।
- ମଳକୃମିକୁ ଦୂର କରିବା ପାଇଁ ରାସ୍ନା, ଗୁଳୁଚି, ଗବ ମୂଳ ଏବଂ ଶୁଣ୍ଠିକୁ ସମାନ ପରିମାଣରେ ନେଇ ତାହାକୁ ଭଲଭାବେ ଚୂର୍ଣ୍ଣ କରିବ । ଏହାପରେ ସେହି ଚୂର୍ଣ୍ଣକୁ ପ୍ରତ୍ୟେକ ଦିନ ୨ ରୁ ୩ ଚାମଚ ଲେଖା ଜଳ ସହିତ ୭ ରୁ ୮ ଦିନ ସେବନ କରିବାକୁ ହୋଇଥାଏ । ଏହାଦ୍ୱାରା ମଳକୃମି ସହଜରେ ବିନାଶ ହୋଇଥାନ୍ତି ।
- କୋଷ୍ଠକାଠିନ୍ୟ ହେଉଥିଲେ ଅତ୍ୟନ୍ତ ଜଳାପୋଡ଼ା ଓ ବିନ୍ଧା ଛିଟିକା ହେବା ସହ ଝାଡ଼ା ପରିଷ୍କାର ହୋଇନଥାଏ । ଏହି କ୍ଷେତ୍ରରେ ରାସ୍ନା, ଗବମୂଳକୁ ୨୫୦ ଗ୍ରାମ ଜଳରେ ଭଲଭାବେ ସିଝାଇବ । ତାହାପରେ ଜଳ ୩ ଭାଗରୁ ଏକ ଭାଗ ହୋଇଗଲେ ତାହା ସହିତ ୨ ଚାମଚ ମହୁ ଓ ୧୦ ରୁ ୧୫ଟି ପର୍ଯ୍ୟନ୍ତ ଗୋଲମରିଚର ଗୁଣ୍ଡ ପକାଇ ଶୋଇବା ସମୟରେ ସେବନ କଲେ ସକାଳୁ ଝାଡ଼ା ପରିଷ୍କାର ହେବା ସହିତ କୋଷ୍ଠକାଠିନ୍ୟ କ୍ରମଶଃ ଭଲ ହେବାରେ ଲାଗିଥାଏ ।
- ରାସ୍ନା ଚୂର୍ଣ୍ଣକୁ କଞ୍ଚା ଅଁଳା ରସରେ ଗୋଳାଇ ପଟି ଭିଡ଼ିଲେ ଭଙ୍ଗା ସ୍ଥାନର ଫୁଲା, ଯନ୍ତ୍ରଣା କମିଯାଇ ରୋଗିକୁ ଆରାମ ମିଳିଥାଏ ।
- ବାତ ପ୍ରବଣତା ଯୋଗୁଁ ସ୍ନାୟୁ ପୀଡ଼ା ହେଉଥିଲେ ରାସ୍ନାର ସିଝାପାଣିକୁ ପ୍ରୟୋଗ କଲେ ବହୁତ ଉପକାର ଦେଇଥାଏ । ସେହିଭଳି ଗୋଡ଼, ହାତ ବା ବାହୁର ଖଞ୍ଜାରେ ଦରଜ ହେଉଥିଲେ ଉକ୍ତ ସ୍ଥାନରେ ରାସ୍ନା ମୂଳ ଓ ପତ୍ରର ତାଜା ରସ ମାଲିସ କରିବା ସହିତ ତୁଳସୀପତ୍ର ରସ ସେବନ କଲେ ଘୋଳାବିନ୍ଧା ଭଲ ହେବା ସହିତ ଆରାମ ମିଳିଥାଏ ।
- କୋଷ ବୃଦ୍ଧି ହେଲେ ରାସ୍ନା, ବରୁଣ ଛାଲି, ଶୁଣ୍ଠି ସବୁକୁ ନେଇ କ୍ୱାଥ ପ୍ରସ୍ତୁତ କରିବ । ଉକ୍ତ କ୍ୱାଥକୁ ମହୁ ସଙ୍ଗେ କିଛି ଦିନ ଧରି ସେବନ କଲେ କୋଷ ବୃଦ୍ଧି ସମ୍ପର୍କିତ ରୋଗ ଭଲ ହୋଇଯିବ ।
- ରାସ୍ନା କ୍ୱାଥରେ ମହୁକୁ ପରୀକ୍ଷା ଦେଇ ସେବନ କଲେ ସର୍ବାଙ୍ଗ ଘୋଳାବିନ୍ଧା ହେଉଥିବା ବାତରୋଗ ସହଜରେ ଭଲ ହୋଇଥାଏ ।
- ରାସ୍ନାକୁ ୧ଭରି ଏବଂ ଦୁଇଭରି ଗୁଳୁଚିକୁ ଏକତ୍ର ଦରକୁଟା କରି ସେହି ମିଶ୍ରଣକୁ ରାଶି ତେଲରେ ଉତ୍ତମ ରୂପେ ସିଝାଇ ସେହି ତୈଳକୁ ଶରୀରରେ ମାଲିସ କଲେ ଅଙ୍ଗ ପ୍ରତ୍ୟଙ୍ଗର ଜଳା ପୋଡ଼ା ପ୍ରଶମିତ ହୋଇଥାଏ । ଏହି ତେଲକୁ ଗଣ୍ଠି ବାତରେ ମାଲିସ କଲେ ମଧ୍ୟ ଉତ୍ତମ ଫଳମିଳେ ।

✧

# ବନଜାତ ଦ୍ରବ୍ୟ ସଂଗ୍ରହ କ୍ୟାଲେଣ୍ଡର

| କ୍ର.ନଂ | ଅଣକାଷ୍ଠ ବନଜାତ ଦ୍ରବ୍ୟର ସ୍ଥାନୀୟ ନାମ | ବୈଜ୍ଞାନିକ ନାମ | ବ୍ୟବହୃତ ଅଂଶ | ଅମଳ ମାସ |
|---|---|---|---|---|
| ୧ | ମହୁଲ | ମଧୁକା ଲାଟି ଫୋଲିଆ | ଫୁଲ | ଏପ୍ରିଲ, ମେ |
| ୨ | ମହୁ | ବି.ସିପ୍ପ୍ | ରସ | ବର୍ଷସାରା ବିଶେଷ କରି ଅକ୍ଟୋବରରୁ ମେ |
| ୩ | ଘାସ ଝାଡୁ | ବ୍ରୁମ୍ ଗ୍ରାସ୍ | କାଣ୍ଡ | ଡ଼ିସେମ୍ବରରୁ ଫେବୃୟାରୀ |
| ୩ | ବାଡୁନ୍ | ଥାଇସାନୋନେଲା ମାକ୍ସିମା | କାଣ୍ଡ | ଡ଼ିସେମ୍ବରରୁ ଫେବୃୟାରୀ |
| ୪ | କୋଚିଲା ମଞ୍ଜି | | ମଞ୍ଜି | ନଭେମ୍ବର ରୁ ଜାନୁୟାରୀ |
| ୫ | ଖଡ଼ ଘାସ | କରୁକୁମାଅଗଷ୍ଟିଫୁଲିଆ | କାଣ୍ଡ | ନଭେମ୍ବରରୁ ଫେବୃୟାରୀ |
| ୬ | ଶିମୁଳି ତୁଳା | ସାଲମାଲିଆ ମାଲାବାରିକା | ଫଳ | ଡ଼ିସେମ୍ବର ରୁ ଫେବୃୟାରୀ |
| ୭ | ପାଳୁଅ | | କନ୍ଦା | ନଭେମ୍ବର ରୁ  ଜାନୁୟାରୀ |
| ୯ | ରାସନା | ବଣ୍ଡାଟାସେଲିଲେଟା | ଚେର | ନଭେମ୍ବର ରୁ ଡ଼ିସେମ୍ବର |
| ୧୦ | ଶପ ମଶିଣା ଘାସ | | ଘାସ | ନଭେମ୍ବର ରୁ ଜାନୁୟାରୀ |
| ୧୨ | ଇନ୍ଦ୍ରଜବା | ହୋଲେରେନାଆଣ୍ଟିଡ଼ାଇସେନ୍ଟ୍ରିକା | ଫଳ | ଫେବୃୟାରୀ ରୁ ମେ |
| ୧୪ | ନାଗେଶ୍ୱର ଫୁଲ | ମେସୁଆ ଫେରିଆ | ଫୁଲ | ଜୁଲାଇ ରୁ ସେପ୍ଟେମ୍ବର |
| ୧୫ | ବାଇଡ଼ଙ୍କ ମଞ୍ଜି | ମୁସୁନା ପ୍ରୁନେନ୍ସ | ମଞ୍ଜି | ଡ଼ିସେମ୍ବର ରୁ ମାର୍ଚ୍ଚ |
| ୧୬ | ଗବ | ରେସିନସ୍ କମ୍ୟୁନିସ୍ | ମଞ୍ଜି | ଫେବୃୟାରୀ ରୁ ଏପ୍ରିଲ |
| ୧୭ | ବେଣା ଚେର | ଭେଟିଭେନା ଜିଜାନୋଡ଼ିସ୍ | ଚେର | ନଭେମ୍ବର  ରୁ ଫେବୃୟାରୀ |
| ୧୮ | ଗିଲ | କେଶଲ ପିନିଆ କ୍ରିଷ୍ଟା | ମଞ୍ଜି | ଫେବୃୟାରୀ ରୁ ଏପ୍ରିଲ |
| ୧୯ | ବଣ ହଳଦୀ | କୁରୁକୁମା ଅରେମେଟିସା | ମୂଳ | ଫେବୃୟାରୀ ରୁ ମାର୍ଚ୍ଚ |
| ୨୦ | ବବୁଲ | ଆକାଶିଆ ନିଲୋଟିସା | ମଞ୍ଜି | ମାର୍ଚ୍ଚ ରୁ ମେ |
| ୨୧ | ସବାଇ ଘାସ | ୟୁଲାଲିଓପସିସ୍ ବିନ୍ନାଟା | ଘାସ | ନଭେମ୍ବର ରୁ ମାର୍ଚ୍ଚ |
| ୨୨ | ମାଙ୍କଡ଼ କେନ୍ଦୁ | ଡ଼ାଉସ୍ପାଇରସ୍ ଏମ୍ବ୍ରିଓପେଟ୍ରିସ୍ | ଫଳ | ଫେବୃୟାରୀ ରୁ ଏପ୍ରିଲ |
| ୨୩ | ବାଘ ନଖ ମଞ୍ଜି | ମାର୍ଟିନିଆ ଅନୁଆ | ମଞ୍ଜି | ମାର୍ଚ୍ଚ ରୁ ଏପ୍ରିଲ |
| ୨୪ | ଶିକାକାଇ | ଆକାଶିଆ କନ୍‌ସିନା | ମଞ୍ଜି | ଏପ୍ରିଲ ରୁ ମେ |



# ଝାର୍‌ଦ୍ୟାର


ରିଜିଓନାଲ୍ ସେଣ୍ଟର୍ ଫର୍
ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
(ଆର୍.ସି.ଡି.ସି)

୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୫୨୫୦
ଫାକ୍ସ-(୦୬୭୪) ୨୫୪୫୨୫୨

*Website:*
www.banajata.org
www.rcdcindia.org

*E-mail:*
rcdcbbsr@bsnl.in, rcdcbbsr@gmail.com

ଆର୍.ସି.ଡି.ସି.-ବଲାଙ୍ଗୀର
କୋଶଳ ନଗର, ବଲାଙ୍ଗୀର-୭୬୭୦୦୨
ଫୋନ-୦୬୬୫୨-୨୫୧୧୨୧
E-mail: rcdcbgr@rediffmail.com

ଆର.ସି.ଡି.ସି.-ନବରଙ୍ଗପୁର
ମଦର ଟେରେସା ମାର୍ଗ, ବ୍ଲକ୍ ଛକ
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨
E-mail: rcdcngr@bsnl.in


(କେବଳ ଘରୋଇ ପ୍ରସାରଣ ନିମିତ୍ତ)